Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 254
Sunday, 22 November 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୨୨ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ଅକଭାନ୍ ମୁକାବିଲାରେ ଓଡ଼ିଶା ସଫଳ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) :ବାତ୍ୟା 'ଅକଭାନ୍'ର ପ୍ରଭାବ ହ୍ରାସ ପାଇବା ସହ ଏତେ ଜଳଜମାଟ ସ୍ୱାଭାବିକ ହେବାରେ ଲାଗିଛି । ରାଜ୍ୟ ସରକାରଙ୍କ ସୁଦୃଢ଼ ପ୍ରସ୍ତୁତି, ସମନ୍ୱିତ ପଦକ୍ଷେପ ଓ ସମସ୍ତ ବିଭାଗର ନିଷ୍ଠାପର ଉଦ୍ୟମ ଯୋଗୁଁ ବିପୁଳ କୌଣସି ଧନଜୀବନ ହାନିରେ ଓଡ଼ିଶା ଏହି ବିପର୍ଯ୍ୟୟର ସଫଳ ମୁକାବିଲା କରିପାରିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନା ପୂଜାରୀ ଘୋଷଣା କରିଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ବାତ୍ୟା ଓ ବର୍ଷା ଯୋଗୁଁ ବିଭିନ୍ନ ଅଂଚଳରେ ଚାଷଜମିରେ ବ୍ୟାପକ ଫସଲ କ୍ଷତି ହୋଇଯାଇଥିବା ଓ ପାଚିଲା ଧାନ ଓଦା ହୋଇଯାଇଥିବା ଘଟଣା ସରକାରଙ୍କ ନଜରକୁ ଆସିଛି । ଏଥିପାଇଁ ଆମ ଅଧିକାରୀମାନେ ଆସନ୍ତାକାଲିଠାରୁ ନିଜ ନିଜ କାର୍ଯ୍ୟାଳୟକୁ ଫେରିବା ଆରମ୍ଭ କରିବେ । ସମସ୍ତ ରାଜ୍ୟରେ ବାତ୍ୟାଜନିତ କ୍ଷୟକ୍ଷତିର ଆକଳନ ପ୍ରକ୍ରିୟା ଆସନ୍ତାକାଲିଠୁ ଆରମ୍ଭ ହେବ ଓ ଖୁବଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯିବ । ଏଥିସହ ରାଜ୍ୟରେ ବାତ୍ୟାରୁର ଦେଖାଦେଇଥିବା ବନ୍ୟା ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଆଗାମୀ ୧୦୦ ବର୍ଷକୁ ଆଖି ଆଗରେ ରଖି ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା କହିଛନ୍ତି । ଏହାସହିତ ଫସଲ ବୀମାଲୁବ୍ଧ କୃଷକଙ୍କୁ ଜିଇଜି ତୁରନ୍ତ ବୀମା ରାଶି ମିଳିପାରିବ, ସେଥିପାଇଁ ଆଲାଆଜି ଗୁରୁତ୍ୱ ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ଜଳଜମାଟ ଶୁଖିବାମାତ୍ରେ ଚାଷଜମିରେ ପୁରେଇ ହୋଇଥିବା ଧାନକୁ ଶୁଖାଇବା, ନିୟମ ଅନୁସାରେ କ୍ଷତିପୂରଣ ଓ ଜିରିବା ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ, ଫାଇଲିନ୍ ଓ ତିତଲି ଜିନି ବିଗତ ବର୍ଷଗୁଡ଼ିକରେ ବନ୍ୟା ଓ ବାତ୍ୟାର ଅନୁଭୂତି ତଥା ଉପଲବ୍ଧ ତଥ୍ୟକୁ ଆଧାର କରି ଆଗାମୀ ୧୦୦ ବର୍ଷକୁ ଆଖି ଆଗରେ ରଖି ଏକ ଦୀର୍ଘମିଆଦୀ ଖସଡ଼ା ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ । ପ୍ରତ୍ୟେକ ନଦୀ ପ୍ରଣାଳୀରେ କେଉଁଠାରେ ନଦୀବନ୍ଧ, ରିଟିନ୍ସୁରି ଓ ଜଳ ନିଷ୍କାସନ ବ୍ୟବସ୍ଥାର ଆବଶ୍ୟକତା ରହିଛି ଓ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ବିପର୍ଯ୍ୟୟର ପ୍ରଭାବକୁ କିଭଳି କମାଯାଇପାରିବ, ସେଥିପାଇଁ ଆଲାଆଜି ଗୁରୁତ୍ୱ ସମେତ ଅନ୍ୟାନ୍ୟ ପ୍ରତିଷ୍ଠିତ ବୈଷୟିକ ଓ ଗବେଷଣା ପ୍ରତିଷ୍ଠାନ ସହ ଯୋଗାଯୋଗ କରାଯାଇ ସେମାନଙ୍କର ସହଯୋଗ ନିଆଯିବ । କ୍ରମାଗତ ବନ୍ୟା ଓ ବାତ୍ୟା ଯୋଗୁଁ ପସଲ, ଗୃହଦ୍ୱାର କ୍ଷତି ସହ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ଓ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଜରି ସମସ୍ୟାର ସ୍ଥାୟୀ ସମାଧାନ ଏହି ୧୦୦ ବର୍ଷିଆ ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିବ । ଏହା ବ୍ୟତୀତ ରାଜ୍ୟରେ ବୁଲୁଜନ ସମସ୍ୟାର ପ୍ରତିକାର ପାଇଁ ଉତରାଖଣ୍ଡ ସ୍ତରରେ ଯାଇଥିବା ବିଶେଷଜ୍ଞ ଟିମ୍ ପେରିଆସିଛନ୍ତି ଓ ଆସନ୍ତା ଦୋମଦାର ଦିନ ସେମାନେ ରିପୋର୍ଟ ଦେବା ପରେ ରାଜ୍ୟରେ ବୁଲୁଜନ ପ୍ରତିରୋଧକ ବ୍ୟବସ୍ଥା ଆରମ୍ଭ ହେବ । ପ୍ରକୃତିର ପରିବର୍ତ୍ତିତ ଆଚରଣ ଓ ବଢୁଥିବା ପ୍ରକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ ରାଜ୍ୟ ସରକାର ଏକ ବୈଜ୍ଞାନିକ ଓ ଦୀର୍ଘସ୍ଥାୟୀ ବ୍ୟବସ୍ଥା ଗଢ଼ିବାକୁ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।



ଖରିଫ୍ ଧାନ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କ୍ରୟ ହେବ

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) : ଖରିଫ୍ ୨୦୨୬-୨୭ ପାଇଁ ଧାନ ସଂଗ୍ରହ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସଞ୍ଜିନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ବାତ୍ୟା ଓ ବନ୍ୟା ଜନିତ ପ୍ରତିକୂଳତାର କାର୍ଯ୍ୟ ଜାରି ରହିଥିବା ସତ୍ତ୍ୱେ ଧାନ ସଂଗ୍ରହ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ହୋଇଥିବାରୁ ଏହାର ଲକ୍ଷ୍ୟ ଆରମ୍ଭ ସଂପର୍କରେ ଜିଲ୍ଲା ସ୍ତରୀୟ କମିଟିରେ ଶୀଘ୍ର ବ୍ୟବସ୍ଥା ଗ୍ରହଣ ପାଇଁ ଉତରାଖଣ୍ଡ ସ୍ତରରେ ଯାଇଥିବା ଟିମ୍‌ ନିର୍ଦ୍ଦେଶ ଦେଇଛନ୍ତି । ଖରିଫ୍ ଧାନ କ୍ରୟ ସମୟ ଗତ ୧ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୩୧ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ରହିଛି । ଚଳିତ ବର୍ଷ ୨୨.୨୭ ଲକ୍ଷ ଚାଷୀ ସେମାନଙ୍କର ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଗତ ଧାନକ୍ରୟ ଉତ୍ତରେ ଏହି ସଂଖ୍ୟା ୧୯.୬୨ ଥିଲା । ଗତ ବର୍ଷ ପଞ୍ଜୀକୃତ ଚଳିତ ବର୍ଷ ଚାଷୀ ପଂଜୀକରଣ ସଂଖ୍ୟା ୧୩ ପ୍ରତିଶତ ବୃଦ୍ଧି ପାଇଛି । ଧାନ କ୍ରୟ ବାବଦକୁ ଚାଷୀଙ୍କ ଆକାଉଣ୍ଟରକୁ ୪୮ ଘଂଟା ମଧ୍ୟରେ ଅର୍ଥ ସିଧାସଳଖ ପ୍ରଦାନ ବ୍ୟବସ୍ଥା ରହିଛି । ଯୁବ, ନାମମାତ୍ର ଚାଷୀ, ପ୍ରକୃତ ଜମି ଚାଷ କରୁଥିବା ଚାଷୀ, ଭାଗଚାଷୀମାନଙ୍କ ଠାରୁ ଧାନ କ୍ରୟ ପାଇଁ ବିଶେଷ ଗୁରୁତ୍ୱ ରହିବ । ଗତ ୨୦୨୫-୨୬ ଖରିଫ୍ ମାର୍କେଟିଂ ଋତୁରେ ୭୭ ଲକ୍ଷ ୪୮ ହଜାର ମେଟ୍ରିକ୍ ଟନ୍ ଖରିଫ ଧାନ ଏବଂ ରବିରେ ୨୦ ଲକ୍ଷ ୪୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗୃହିତ ହୋଇଥିଲା । ସେହି ଅନୁପାତରେ ଚାଉଳ ପରିମାଣ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ୨୦୨୬-୨୭ ବର୍ଷ ପାଇଁ ଉତ୍ତର ଖରିଫ ଓ ରବି ପାଇଁ ମୋଟ ୯୮ ଲକ୍ଷ ମେଟ୍ରିକ୍ ଟନ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରେ ନିର୍ବିଘ୍ନ ରାବେ ଖରିଫ ପାଇଁ ୭୮ ଲକ୍ଷ ମେଟ୍ରିକ୍ ଟନ ସଂଗ୍ରହ ଧାର୍ଯ୍ୟ ରହିଛି । ଖରିଫ୍ ମାର୍କେଟିଂ ଋତୁ ପାଇଁ ଜିଲ୍ଲା ଓ କ୍ରୟ କେନ୍ଦ୍ର ୨୦୨୬-୨୭ କୁ ରାଜ୍ୟ ସରକାର ଅନୁମୋଦନ କରିସାରିଛନ୍ତି । ବୈଠକରେ ରାଜ୍ୟ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଙ୍କଜ କୁମାର ସିଂ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରକାଳର ପାଟିଲ, ରାଜ୍ୟ ଯୋଗାଣ ନିଗମ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ପୁରୁଷୋତ୍ତମ ଚକ୍ରବର୍ତ୍ତୀ, କମିଶନର ସଦସ୍ୟ ଥିବା ସଂପୃକ୍ତ ବିଭିନ୍ନ ବିଭାଗର ସଚିବଙ୍କ ସମେତ ରାଜଚାୟ ଖାଦ୍ୟ ନିଗମର ପରିଚାଳକ ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ । ଜିଲ୍ଲାପ୍ରଶାସନ ଆଲାସରେ ସାମିଲ ହୋଇଥିଲେ ।



କର୍ଣ୍ଣାଟକରେ ବାଇକ୍ ଟ୍ୟାକ୍ସି ନିଷିଦ୍ଧ ଆଦେଶ ରଦ୍ଦ

ନୂଆଦିଲ୍ଲୀ, ୨୧/୧୧ (ନ୍ୟୁ.ଏ) : ସୁପ୍ରିମକୋର୍ଟର ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଓ ବିଚାରପତି ଏନ୍ କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ହାଇକୋର୍ଟଙ୍କ ଆଦେଶ କାଏମ ରଖିବା ସହ ରାଜ୍ୟ ସରକାରଙ୍କ ଅପିଲକୁ ଖାରଜ କରିଦେଇଛନ୍ତି । ଶୁଣାଣି ସମୟରେ ଜଷ୍ଟିସ ଶର୍ମା ତାଙ୍କ କାର୍ଯ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କ ସହ କଥା ହୋଇଥିଲେ । ଏହି ମହିଳା କର୍ମଚାରୀ ଜଣକ ନିୟମିତ ରାବେ ବାଇକ୍ ଟ୍ୟାକ୍ସିରେ ଆସୁଛନ୍ତି । ମହିଳା ଜଣକ କହିଥିଲେ ଯେ ତାଙ୍କ ପାଖରେ ହ୍ୟାଣ୍ଡ୍ ବ୍ରେକ୍ ଜରି ଅଛିବା ଲାଗି ଏତେ ଟଙ୍କା ନାହିଁ । ତେଣୁ ସେ ବାଇକ୍ ଟ୍ୟାକ୍ସିରେ ଆସୁଛନ୍ତି । ତେବେ ଅଟୋରେ ଜାହିଁକି ଆସୁନାହାନ୍ତି ବୋଲି ଜଷ୍ଟିସ ଶର୍ମା ତାଙ୍କୁ ପଚାରିଥିଲେ । ଜବାବରେ ମହିଳା ଜଣକ କହିଥିଲେ ଯେ ବାଇକ୍ ଟ୍ୟାକ୍ସି ଭଡ଼ା ଅପେକ୍ଷା ଅଟୋ ୫ ଗୁଣ ଅଧିକ ଭଡ଼ା ନେଉଛି । ଜଷ୍ଟିସ ଶର୍ମା କହିଥିଲେ ବାଇକ୍ ଟ୍ୟାକ୍ସିରେ ଜିପିଏସ୍ ରହିଛି । ଏହା ମହିଳାଙ୍କ ପାଇଁ ସବୁଠାରୁ ସୁରକ୍ଷିତ ମାଧ୍ୟମ । ତେଣୁ ବାଇକ୍ ଟ୍ୟାକ୍ସିକୁ ସଂପୂର୍ଣ୍ଣ ରଦ୍ଦ କରିବା ଅପେକ୍ଷା ଏଥିକୁ ଯଦି ନିୟନ୍ତ୍ରଣ କରାଯାଏ ତେବେ ଆହୁରି ଭଲ ହେବ । ଦେଖର ୨୫ଟି ରାଜ୍ୟରେ ବାଇକ୍ ଟ୍ୟାକ୍ସି ସେବା ଜାରି ରହିଛି ବୋଲି ଜଷ୍ଟିସ ଶର୍ମା କହିଥିଲେ । ସେହିଭଳି ଶୁଣାଣି ବେଳେ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କ ଟ୍ରାଫିକ୍ ସମସ୍ୟା ଉପରେ ପ୍ରଶ୍ନ ଉଠାଇଥିଲେ । ସରକାର ଦର୍ଶାଇଥିଲେ ଯେ ବାଇକ୍ ଟ୍ୟାକ୍ସି ଯୋଗୁ ସହରରେ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଏହାର ଜବାବରେ କୋର୍ଟ କହିଥିଲେ ଯେ କାର୍ ଅପେକ୍ଷା ବାଇକ୍ ଅଳ୍ପ ରାସ୍ତାରେ ଯାଇପାରିବ । କାର୍ ଅଧିକ ସ୍ଥାନ ନେଉଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସ୍ୱାଭାବିକ । କିନ୍ତୁ ବାଇକ୍ ଯୋଗୁ କିଭଳି ଟ୍ରାଫିକ୍ ସୃଷ୍ଟି ହେଉଛି । ତେବେ କର୍ଣ୍ଣାଟକ ସରକାର ଦର୍ଶାଇଥିଲେ ଯେ ଅନ୍ୟ ସହରରେ ବାଇକ୍ ଟ୍ୟାକ୍ସିକୁ ଅନୁମତି ଦେବେ । କିନ୍ତୁ ରାଜଧାନୀ ବେଙ୍ଗାଲୁରୁରେ ଏହାକୁ ଅନୁମତି ଦେବେନାହିଁ । ବାଇକ୍ ଟ୍ୟାକ୍ସି ଜମାନାମାନେ ଦର୍ଶାଇଥିଲେ ଯେ ରାଜ୍ୟରେ ପ୍ରାୟ ୪.୫ ଲକ୍ଷ ଲୋକ ବାଇକ୍ ଟ୍ୟାକ୍ସି ଯୋଗୁ ଉପକୃତ ହେଉଛନ୍ତି ।

ନବୀନ ଓ ପାଣ୍ଡିଆନଙ୍କ ବିଦେଶ ଗସ୍ତ ଖର୍ଚ୍ଚର ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) : ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଭିକେ. ପାଣ୍ଡିଆନ୍ ଓ ଆଇପିଏସ୍ ଅଫିସର ରବିକାନ୍ତଙ୍କ ବିଦେଶ ଗସ୍ତ ଖର୍ଚ୍ଚ ସମ୍ପର୍କିତ ଅନିୟମିତତା ଅଭିଯୋଗର ତଦନ୍ତ ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଯେଉଁ ଆରଟିଆଇ ତଥ୍ୟ ଓ ସାମାଜିକ କର୍ମୀମାନଙ୍କ ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦର୍ଶାଇଛି ଏତେ ସେହି ଆରଟିଆଇ କର୍ମୀ ହିଁ ଏହି ତଦନ୍ତ ନିର୍ଦ୍ଦେଶ ଉପରେ ପ୍ରଶ୍ନ ଉଠାଇଛନ୍ତି । ପାଣ୍ଡିଆନଙ୍କ ହେଡେକ୍‌ୱାର୍ଟାର ତଦନ୍ତ ବାଷ୍ପରେ ମୋହନ ସରକାର କରୁଛନ୍ତି ନା ତଦନ୍ତ ମାଁଗେ ହେବ ତାଲାକୁ ବିଚ୍ଛାନ୍ତ ପାଇଁ ପ୍ରଥମ କରୁଛନ୍ତି ବୋଲି ଆରଟିଆଇ କର୍ମୀ ପ୍ରଦୀପ ପ୍ରଧାନ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ, ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପାଣ୍ଡିଆନ ଓ ରବିକାନ୍ତଙ୍କ ବିଦେଶ ଗସ୍ତ ସମ୍ପର୍କିତ ଖର୍ଚ୍ଚର ତଦନ୍ତ କରାଯିବ । ଏହି ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀଙ୍କ ଏହି ତଦନ୍ତ ନିର୍ଦ୍ଦେଶ ପରେ ସୂଚନା କର୍ମୀ ପ୍ରଦୀପ ପ୍ରଧାନ ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀ ଓ ଆନ୍ତରିକତା ଉପରେ ତାତ୍ତ୍ୱ ପ୍ରଶ୍ନ ଉଠାଇଛନ୍ତି । 'ଓଡ଼ିଶା ରିପୋର୍ଟର'କୁ ପ୍ରତିକ୍ରିୟାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ବିଦେଶ ଗସ୍ତର ଅନିୟମିତତା ସମ୍ପର୍କରେ ସେ ୨୦୨୫ ମସିହାରେ ହିଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ସମସ୍ତ ବିଧାୟକଙ୍କୁ ଏହାର ନକଲ ପ୍ରଦାନ କରିଥିଲେ, କିନ୍ତୁ ସେତେବେଳେ ବିଧାନସଭାରେ କେହି ଏହି ପ୍ରସଙ୍ଗ ଉଠାଇ ନଥିଲେ । ପରବର୍ତ୍ତୀ ସମୟରେ ସେ ଆରଟିଆଇ ମାଧ୍ୟମରେ ଏହାର ତଥ୍ୟ ମାଗିବାରୁ, ଅଭିଯୋଗଟି ସାଧାରଣ ପ୍ରଶାସନ ବିଭାଗ ପାଖରେ ପଡ଼ି ରହିଥିବା ଜାଣୁ ଉତର ମିଳିଥିଲା । ଯେଉଁ ସାଧାରଣ ପ୍ରଶାସନ ବିଭାଗ ନିଜେ ତଥ୍ୟ ଜଦେର ଫାଇଲକୁ ଦୀର୍ଘ ଦିନ ଧରି ଚାପି ରଖିଥିଲା, ଏବେ ସେହି ବିଭାଗର ସଚିବଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗାଳ୍ପର ବିଜେପି ସରକାର ନିର୍ବାଚନ ପୂର୍ବରୁ ତଦନ୍ତର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶାସକାଢୁ ଆସିବାପରେ ବିଜେଡି ସହ ରିତିରି କୁଟାମଣା ଯୋଗୁଁ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କୁ ସୁରକ୍ଷା ଦେଉଛନ୍ତି । ପୂର୍ବରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଫାଇଲ ଚୋରି ମାମଲାରେ ପାଣ୍ଡିଆନଙ୍କୁ ହାଇକୋର୍ଟ ନୋଟିସ ଜାରି କରିବା ପରେ ସେ କେଉଁଠି ହାଜର ହେବେ ଓ କଣ ତଦନ୍ତ ହେଲା, ତାହାର କୌଣସି ତଥ୍ୟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହେଲା ନାହିଁ । ଏବେ ପାଣ୍ଡିଆନଙ୍କ ବିଦେଶ ଗସ୍ତର ଖର୍ଚ୍ଚର ତଦନ୍ତ ନିର୍ଦ୍ଦେଶ କେବଳ ଲୋକଦେଖାଣିଆ ନଥିଲା ସରକାର ଗୁମାନ୍ତାର ସହ କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁଛନ୍ତି ବି ନାହିଁ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।



ଷ୍ଟ୍ରିଟ୍ ଲାଇଟ୍ କେଲେଙ୍କାରୀ: ଫସିଲେ ପୂର୍ବତନ ପିଇଓ, କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ବାଲ୍ୟଖଣ୍ଡା ଗ୍ରାମ ପଂଚାୟତରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଏବଂ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ସରକାରୀ ପାଣ୍ଠିରୁ ୭ ଲକ୍ଷ ୨୪ ହଜାର ୯୫୯ ଟଙ୍କା ହେରଫେର କରିଥିବା ଅଭିଯୋଗରେ ଆଜି ତିନି ଜଣଙ୍କୁ ଗିରଫ କରିଛି ଗିଜିଲାନ୍ । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ: ଜେ. ରାମା ରାଓ, ସତ୍ୟବାଦୀ ଗନ୍ତାୟତ ଓ କୃଷ୍ଣଚନ୍ଦ୍ର ବେହେରା । ଜେ. ରାମା ରାଓ ହେଉଛନ୍ତି ବାଲ୍ୟଖଣ୍ଡା ଗ୍ରାମ ପଂଚାୟତର ପୂର୍ବତନ ପିଇଓ । ସେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲାର ଉଚ୍ଚେଲୁଣ୍ଡା ବ୍ଲକରେ ପିଇଓ ରାବେ ନିଯୁକ୍ତ ହୋଇଥିଲେ । ସତ୍ୟବାଦୀ ଗନ୍ତାୟତ ହେଉଛନ୍ତି ଜଦିସୂର୍ଯ୍ୟ ନଗର ବ୍ଲକର ଜଣିଷ ଯନ୍ତ୍ରୀ । ସେ ବାଲ୍ୟଖଣ୍ଡା ଗ୍ରାମ ପଂଚାୟତର ଦାୟିତ୍ୱରେ ଥିଲେ । ସେହିପରି କୃଷ୍ଣ ଚନ୍ଦ୍ର ବେହେରା ହେଉଛନ୍ତି ଠିକାଦାର । ସେ ହେଉଛନ୍ତି ପୁରୁଷୋତ୍ତମପୁର ସ୍ଥିତ 'ମା' ତାରା ଡାଲିୀ ଜନଷ୍ଟୁବର୍ଣ୍'ର ମାଲିକ । ବାଲ୍ୟଖଣ୍ଡା ଗ୍ରାମ ପଂଚାୟତର ୫ଟି ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟରେ ସରକାରୀ ପାଣ୍ଠି ହେରଫେର ହୋଇଥିବା ନେଇ ଅଭିଯୋଗ ଆସିବା ପରେ ଜିଲ୍ଲାନ୍ୱ ପକ୍ଷରୁ ଏହାର ପୁଙ୍ଖାନୁପୁଙ୍ଖ ଯାଂଚ କରାଯାଇଥିଲା । ତଦନ୍ତ ସମୟରେ ଜଣାପଡ଼ିଛି ଯେ, ବାଲ୍ୟଖଣ୍ଡା ପଂଚାୟତରେ ୧୨୨ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବା ଦାବି କରାଯାଇଥିଲେ ମଧ୍ୟ ବାସ୍ତବରେ ଠିକାଦାର କୃଷ୍ଣଚନ୍ଦ୍ର ବେହେରା କେବଳ ୨୦ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଇଥିଲେ ଏବଂ ବାକି ୧୦୨ଟି ଷ୍ଟ୍ରିଟ୍ ଲାଇଟ୍ ଆଦୌ ଲଗାଯାଇ ନଥିବା । ଏହା ସତ୍ତ୍ୱେ ଜେ. ରାମା ରାଓ, ସତ୍ୟବାଦୀ ଗନ୍ତାୟତ ଏବଂ ଜ୍ୟାପାସାରା ପଂଚାୟତର ପୂର୍ବତନ ସରପଂଚ ଝୁରି ସେଠୀ ୨୦୨୧-୨୨ ଆର୍ଥିକ ବର୍ଷରେ ୧୨୨ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବା ନେଇ ମିଛ ରିପୋର୍ଟ ଦେଇ ଠିକାଦାର ଶ୍ରୀ ବେହେରାଙ୍କ ସପକ୍ଷରେ ବିଲ୍ ପାସ୍ କରିଥିଲେ । ଫଳରେ ତାଙ୍କୁ ୭ ଲକ୍ଷ ୨୫ ହଜାର ୯୩୯ ଟଙ୍କା ପ୍ରଦାନ କରାଯାଇଥିଲା । ୧୦୨ଟି ଷ୍ଟ୍ରିଟ୍ ଲାଇଟ୍ ଆଦୌ ଲଗାଯାଇ ନଥିବାରୁ ସିଧାସଳଖ ୬ ଲକ୍ଷ ୮୩ ହଜାର ୪୬୫ ଟଙ୍କା ଆତ୍ମସାତ୍ କରାଯାଇଥିଲା । ଏହା ବ୍ୟତୀତ, ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ବାବଦରେ ଜେ. ରାମା ରାଓଙ୍କୁ ୧୭,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା । କିନ୍ତୁ ଘଟଣାସ୍ଥଳରେ ଯାଂଚରୁ ଜଣାପଡ଼ିଛି ଯେ ୪୧,୪୯୩ ଟଙ୍କା ମୂଲ୍ୟର ରକ୍ଷଣାବେକ୍ଷଣ କାର୍ଯ୍

ସେଠୋ ଆରମ୍ଭ
SEITHO ARAMBHA
ରବିବାର ୨୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସୁର ଭାଇଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ ସମସ୍ତ ଯୁବବର୍ଗ ଏବଂ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଉଦାହରଣ : ମନମୋହନ ସାମଲ

ଭୁବନେଶ୍ୱର, ୨୧/୧୧ (ଆ.ପ୍ର) : ବରିଷ୍ଠ ନେତା ତଥା କୃଷକମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ତଥା ଅବିଭକ୍ତ ପୁରୀ ଜିଲ୍ଲାର ପୂର୍ବତନ ଜିଲ୍ଲା ସଭାପତି ସୁରେନ୍ଦ୍ର ନାଥ ଭେଦାଙ୍କ ବିୟୋଗରେ ରାଜ୍ୟ ବିଜେପି ତରଫରୁ ଗଭୀର ଶୋକବ୍ୟକ୍ତ କରାଯାଇଛି । ତାଙ୍କ ବିୟୋଗରେ ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି ହୋଇଛି । "ସ୍ୱର୍ଗତଃ ଭେଦା ଜଣେ ନିଷ୍ଠାପର, ଜନପ୍ରିୟ ଓ ସୁସଂଗଠକ ଥିଲେ । ୧୯୮୦ ମସିହାରୁ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ କରିଥିବା ସ୍ୱର୍ଗତଃ ଭେଦା ଅବିଭକ୍ତ ପୁରୀ ଜିଲ୍ଲାରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହିତ ସମାଜସେବାରେ ନିଜକୁ ସମର୍ପିତ କରି ଅଂଚଳର ବିକାଶ ପାଇଁ ତାଙ୍କର ଅତୁଳନୀୟ ସହଯୋଗ ଚିରସ୍ମରଣୀୟ ହୋଇ ରହିବ । ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ସ୍ୱର୍ଗତଃ ଭେଦା ଗୁରୁଗିରି ଅଂଚଳର ବିକାଶ ପାଇଁ ତାଙ୍କର ଅତୁଳନୀୟ ସହଯୋଗ ଚିରସ୍ମରଣୀୟ ହୋଇ ରହିବ । ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ସ୍ୱର୍ଗତଃ ଭେଦା ଗୁରୁଗିରି ଅଂଚଳର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ । ତାଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ ସମସ୍ତ ଯୁବବର୍ଗ ଏବଂ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ରାଜ୍ୟ ସଭାପତି ଶ୍ରୀଯୁକ୍ତ ମୋହନ ମାଝୀ, ରାଜ୍ୟ ମୁଖପାତ୍ର ବିଜୟ ମଲ୍ଲିକ, ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଦେବେନ୍ଦ୍ର ନନ୍ଦ, ରାଜ୍ୟ ଯୁଗ୍ମ ସୋଷାଧ୍ୟକ୍ଷ ବିଦ୍ୟାଳୟ ଚନ୍ଦନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତା ସୁରଥ ବିଶ୍ୱାଳ, ସୁଭାସ ଜେନା, ଛୋଟେଭାଇ ମାହନ୍ତ, ଗୁରୁଚରଣ ମିଶ୍ର ପ୍ରମୁଖଙ୍କ ସମେତ ରାଜ୍ୟ ପଦାଧିକାରୀ, କାର୍ଯ୍ୟକର୍ତ୍ତା ଏବଂ ସହସ୍ରାଧିକ ସମ୍ପର୍କିତ ଶ୍ରେଷ୍ଠ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଆଜି ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତଃ ଭେଦାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ । ସ୍ୱର୍ଗତଃ ଭେଦାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ସମସ୍ତ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

ଓଡ଼ିଶା ଗସ୍ତରେ ନେପାଳରୁ ପହଞ୍ଚ ଜଣିଆ ସରକାରୀ ପର୍ଯ୍ୟବେକ୍ଷକ

ଖୋର୍ଦ୍ଧା, ୨୧/୧୧ (ଆ.ପ୍ର) : ନେପାଳରୁ ପହଞ୍ଚ ଜଣିଆ ସରକାରୀ ପର୍ଯ୍ୟବେକ୍ଷକ ଓଡ଼ିଶା ଗସ୍ତରେ ୧୯ ଏବଂ ୨୦ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଏହାସମୟରେ ଟାଙ୍ଗୀର ମୁକ୍ତଟରି ଠାରେ ଥିବା ଯୋଗାଣ ବିଭାଗର ଗୋଦାମ ଦେଖିବା ସହ ମାଙ୍କାଳପଟି



ଠାରେ ଥିବା ବାଡ଼ୀ ଆଶ୍ରୟ ସ୍ଥଳୀ ବୁଲି ଦେଖିଥିଲେ । ମଂଚେଶ୍ୱର ଠାରେ ଥିବା ଯୋଗାଣ ନିଗମର ଗୋଦାମ ଚାଳରେ ରହିବକୁ ଦେଖି କାର୍ଯ୍ୟ କାରିଗରୁ ବୁଝିଥିଲେ । ଏହା ବ୍ୟତୀତ ସେମାନେ ଶିଶୁପାଳଗଡ଼ ଠାରେ ଥିବା ଧାନ କ୍ରୟ କେନ୍ଦ୍ରକୁ ମଧ୍ୟ ପରିଦର୍ଶନ କରିଥିଲେ । ଧାଉଡି ଫଂଚାୟତର ଯୋଗାଣ ବିଭାଗର ଗୋଦାମ ଟଂଚ କେନ୍ଦ୍ରକୁ ଦେଖି ଖୁସି ପ୍ରକାଶ କରିଥିଲେ । ଅଧିଆସ୍ତ ସମସ୍ତ ପର୍ଯ୍ୟବେକ୍ଷକଙ୍କ ସହ ଯୋଗାଣ ନିଗମର ପରିଚାଳକ ସୁବର୍ଣ୍ଣ ଚନ୍ଦ୍ରଗୋଟି, ସାଧାରଣ ପରିଚାଳିକା ଏଲୋରା ମାଝୀ ଓ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର ଆଦି ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ ଗସ୍ତରେ ଥିବା ବିଶ୍ୱ ଖାଦ୍ୟ ନିରାପତା ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ । ଟଂଚ ବ୍ୟବସ୍ଥାରେ ବିଶ୍ୱର ବେଶ ମାନଙ୍କର ଭିତରୁ ଗାରତ ଏବଂ ରାଜ୍ୟ ମାନଙ୍କ ଭିତରୁ ଓଡିଶାକୁ ବହୁ ଯାଇଥିବାରୁ ସମସ୍ତ ରାଜ୍ୟ ତାରି ଖୁସି ଅଛନ୍ତି । ଏଥିରେ ନେପାଳର ଖାଦ୍ୟ ନିରାପତ ବିଭାଗର director generalଙ୍କ ସହ ଖାଦ୍ୟ ନିରାପତ ଅଧିକାରୀ, କୃଷି ବିଭାଗର ଅଧିକାରୀ, ଶିକ୍ଷା ବିଭାଗର ଅଧିକାରୀ ଆଦି ପରିଦର୍ଶଣରେ ଆସିଥିଲେ ।

ସାରଥୀ ଧାମରେ ଏକାଦଶୀ ଭିଡ଼

ପାଟପୁର, ୨୧/୧୧ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାଟପୁର ବ୍ଲକ ଜରଡା ପାର୍ଥ ସାରଥୀ ଧାମରେ କାର୍ତ୍ତିକ ମାସ ଚତ ଏକାଦଶୀ ଉପଲକ୍ଷେ ବହୁ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି । ପ୍ରାତଃ ସମୟରୁ ବହୁ ଦୂର ଦୂରାନ୍ତରୁ ଭକ୍ତମାନେ ଆସି ସାରଥୀ ଗୋସାଇଁ ଓ ପ୍ରଭୁ ଜଗନ୍ନାଥ ଙ୍କୁ ଦର୍ଶନ କରିବା ସହ ଏକାଦଶୀ ବ୍ରତ ପାଳନ କରିଥିଲେ । ମନ୍ଦିର ପରିଚାଳନା କମିଟି ଓ ସ୍ୱେଚ୍ଛାସେବୀ ମାନେ ଭକ୍ତମାନଙ୍କୁ ବ୍ୟାରିକେଟ ମାଧ୍ୟମରେ ଶୃଙ୍ଖଳିତ ଦର୍ଶନ କରାଇଥିବା ବେଳେ ରୋଗ ବିଲୟ କାର୍ଯ୍ୟରେ ସହଯୋଗ କରିଥିଲେ । ସୁବର୍ଣ୍ଣପୁର ଓ ଆଖ ପାଖ ଅଂଚଳର ସଂକୀର୍ତନ ମଣ୍ଡଳୀ ନାମ ସଙ୍କୀର୍ତ୍ତନ ସହଯୋଗ କରିଥିବା ବେଳେ ଜରଡା ଆନା ପଞ୍ଚୁରୁ ବ୍ୟାପକ ପୋଲିସ୍ ମୁତୟନ କରାଯାଇଥିଲା । ଗତ କାଲି ଅର୍ଥାତ୍ ଶୁକ୍ରବାର ଦେରୁଗୁ ଭକ୍ତମାନେ ଏକାଦଶୀ ବ୍ରତ କରିଥିଲେ । ମନ୍ଦିରର ପୂଜକ ମାନେ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ ।

ଆନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ସ୍ମୃତି ଦିବସ ପାଳିତ


ପାରଳାଖେମୁଣ୍ଡି, ୨୧/୧୧ (ଆ.ପ୍ର) : ପାରଳାଖେମୁଣ୍ଡି ପୌର ପରିଷଦ ଅନ୍ତର୍ଗତ କୋର୍ଟ ଛକଠାରେ ଅ । ନ୍ତ ର୍ଜା । ତୀ ୟ



ଟ୍ରାନ୍ସଜେଣ୍ଡର ସ୍ମୃତି ଦିବସ ପାଳନ କରାଯାଇଛି । ଏହି ଅବସରରେ ବିଂଗତ ତୃତୀୟଲିଙ୍ଗୀ ବ୍ୟକ୍ତିବିଶେଷଙ୍କ ସ୍ମୃତିରେ ଜ୍ୟୋତ୍ସେନ ଜାଳି ନୀରବ ପ୍ରାର୍ଥନା ସହ ଗରୀବ ଶୋକସନ୍ତପ୍ତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସମାଜରେ ତୃତୀୟଲିଙ୍ଗୀ ସମୁଦାୟର ଅଧିକାର, ସମ୍ମାନ, ସୁରକ୍ଷା ଓ ସମାନତାର ଗୁରୁତ୍ୱକୁ ମଧ୍ୟ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ମରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଜପତି ଟ୍ରାନ୍ସଜେଣ୍ଡର ଆସୋସିଏସନ୍‌ର ସଭାନେତ୍ରୀ ମଧୁ ବରାଡ଼, ସମ୍ପାଦିକା ଜସ୍ମିନ ସେଖ, ସଦସ୍ୟା ସୁନୀତା ମିଶାଲ, ମଧୁ ଗୌଡ଼, ଜିନୁ ଗୁରୁଜି, ସୁନେନା ମହାରଣା, ପ୍ରିୟଂଶୁ ରଞ୍ଜନ ପାତ୍ର, ଦମନୁଜା ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ । ସେହିପରି ସାମାଜିକ ଅନୁଷ୍ଠାନ ଏଡ୍‌ବୁଡୁବୁଏସର୍ ପ୍ରୋଜେକ୍ଟ ମ୍ୟାନେଜର ସି. ସୁନୀତାଙ୍କ ସହ କର୍ମଚାରୀ ଉଦୟା, ଶୁଣୁକା ଓ ରମା ଏବଂ ଖ୍ୟାର୍ ଷ୍ଟପ୍ ସେଂଟର ପଞ୍ଚୁରୁ ସୁନୀତା ମହାରଣା ମଧ୍ୟ ଉପସ୍ଥିତ ରହି ଏହି ସ୍ମୃତି ସଭାରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଉପସ୍ଥିତ ଲୋକେ ବିଂଗତ ତୃତୀୟଲିଙ୍ଗୀ ବ୍ୟକ୍ତିବିଶେଷଙ୍କୁ ମନେ ପକାଇ ଶୋକ ଓ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ସ୍ମୃତି ଦିବସର ଉଦ୍ଦେଶ୍ୟ ହେଉଛି ବିଂଗତ ତୃତୀୟଲିଙ୍ଗୀଙ୍କୁ ସମ୍ମାନର ସହ ସ୍ମରଣ କରିବା ସହ ସମାଜରେ ସେମାନଙ୍କ ପ୍ରତି ସମ୍ମାନ, ସହାନୁଭୂତି, ସୁରକ୍ଷା ଓ ମାନବିକ ଅଧିକାର ପ୍ରତି ସଚେତନତା ସୃଷ୍ଟି କରିବା ।

ଧର୍ମପରାୟଣା ମହିଳା ନାରାୟଣୀ ସାହୁଙ୍କ ପରଲୋକ

ଉତ୍ତର, ୨୧/୧୧ (ଆ.ପ୍ର) : ଉତ୍ତର ଚଉମାଷେସନ ସ୍ଥିତ ସାମାଜିକ କର୍ମୀ ତଥା ଧର୍ମପରାୟଣା ମହିଳା ନାରାୟଣୀ ସାହୁଙ୍କ ଆଜି ଶନିବାର ପରଲୋକ ହୋଇଯାଇଛି ଶ୍ୱାସକୃଚ୍ଛ୍ରରେ ଦୀର୍ଘ ଦିନ ଭୁଗୁଥିବା ସତ୍ତରୁ ବର୍ଷ ବୟସ ହୋଇଥିଲା, ମୃତ୍ୟୁ ସମୟ ନିକଟରେ ପୁଅ ବିନୋଦ ବିହାରୀ ସାହୁ, ବୁଲୁ ସାହୁ, ସଦାନନ୍ଦ ସାହୁ,



ରୋ, ଶିଶିର ମିଶ୍ର, ଚରମ୍ପା କ୍ୟବସାୟ ସଂଘର ମତ୍ସେଶ୍ୱର ରାଉତ, ନିଶାକର ରାଉତ, ଖଡରଦାରା ଉଦ୍ୟୋଗାୟନ ଖୁଣ୍ଟା, ଖଡରଦାରା ଉମେଶ ଚନ୍ଦ୍ର ପାଉନ, ଶିକ୍ଷାବିତ ଶଙ୍କର ଉପାଧ୍ୟୟ ଙ୍କ ସମେତ ଝିଅ ଜ୍ୟୋତି, ନାତିନାତୁଣୀ,ଆତ୍ମୀୟସ୍ୱଜନ, ବନ୍ଧୁ ବାନ୍ଧବ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କର ମରଣୋତ୍ତର ନିଜ ଜନ୍ମ ସ୍ଥାନ ତିନ୍ତିଡି ବୁଜର କୋଇକୁଳ ନିଆଯାଇ ସେଠାରେ ଅନ୍ତେଷ୍ଟି କ୍ରିୟା କରାଯାଇଥିଲା ଏଥରେ ଜଣେ ପରୋପକାରୀ, ଦରଦୀ, ଧର୍ମପରାୟଣ ମହିଳା ଥିଲେ ଝିଅଙ୍କର ବହୁତ ରେଜଣ୍ଟ ଷ୍ଟେଜର ଠାରେ ସବୁଠାରୁ ପୁରୁଣା ସ୍ୱାଦ୍ୟ ମିଠା ଦୋକାନ ଦାମୋଦର ଜୀଉ ମିଷ୍ଟାର୍ଣ୍ଣ ଉଦ୍ଯାରେ ରହିଛି ଏବେ ଦେଖାଉଛି ସ୍ୱର୍ଗତ ହୁଡାରଙ୍କ ସାହୁଙ୍କ ପତ୍ନୀ ଓ ଜବି ସଦାନନ୍ଦ ସାହୁଙ୍କ ଜାଉଜ ଅଟନ୍ତି । ସେ ଦାର୍ଘ ୧୦୦ ବର୍ଷରୁ ଉର୍ଦ୍ଧ ହେଇ ଚରମ୍ପାର କାଶିରା ହୋଇ ରହି ଆସୁଛନ୍ତି, ତାଙ୍କ ବିୟୋଗରେ ଚରମ୍ପା ଅଂଚଳରେ ଶୋକର ଛାୟା ଖେଳିଯାଇଛି

ଓଟିଇଟି ପାଇଁ ୨୦୨୮ ଯାଏଁ ସମୟ, ପଦୋନ୍ନତିରେ ସୁଯୋଗ ମାଗିଲେ ଶିକ୍ଷକ ପଦୋନ୍ନତି ପ୍ରକ୍ରିୟାରେ ନନ୍-ଓଟିଇଟି ଶିକ୍ଷକମାନଙ୍କୁ ସାମିଲ ଦାବୀ

କୋରାପୁଟ, ୨୧/୧୧ (ଆ.ପ୍ର) : ଲେଭଲ୍-୪ ରୁ ଲେଭଲ୍-୩ ରୁ ଶିକ୍ଷକ ପଦୋନ୍ନତି ପାଇଁ ସାନି ଚୟନ ତାଲିକା ପ୍ରସ୍ତୁତ କରିବା ନିମନ୍ତେ ଓଡ଼ିଶା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ପାଗାଡ଼ିପୁଟ୍ଟା ପ୍ରଜ୍ଞ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥାୟୀ ଶିକ୍ଷକ ତ୍ରିନାଥ ମହାପାତ୍ର ଆଜି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏହି ପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ଶ୍ରୀ ମହାପାତ୍ରଙ୍କ ଦ୍ୱାରା ଦାଏର ହୋଇଥିବା ରିଟ୍ ପିଟିସନ୍‌ର ଶୁଣାଣି କରି ମାନ୍ୟବର ଓଡ଼ିଶା ହାଇକୋର୍ଟ ଗତ ୧୨ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ । ଏହି ରାୟରେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆଦେଶ ପାଇବାର ୬ ସପ୍ତାହ ମଧ୍ୟରେ ଲେଭଲ୍-୪ ରୁ ଲେଭଲ୍-୩ ପଦୋନ୍ନତି ପାଇଁ ଏକ ନୂତନ ଚୟନ ତାଲିକା ପ୍ରସ୍ତୁତ କରାଯିବ । ଏହି ପରିପ୍ରେକ୍ଷୀରେ, ଆବେଦନକାରୀ ଶ୍ରୀ ମହାପାତ୍ର ହାଇକୋର୍ଟଙ୍କ ଆଦେଶର ନଜର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ କରିବା ସହ ଧାର୍ଯ୍ୟ ସମୟସୀମା ମଧ୍ୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଏହା ସହିତ ପ୍ରତିଦ୍ୱନ୍ଦ୍ୱିତା ନିୟମ ଏବଂ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କର ପଦୋନ୍ନତି ପ୍ରସଙ୍ଗକୁ ବିଚାରକୁ ନେବାକୁ ସେ ନିବେଦନ କରିଛନ୍ତି । ଏହା ସହିତ ଜିଲ୍ଲାର ସମସ୍ତ ବ୍ଲକ ରେ ଜାର୍ଯ୍ୟରତ ଓଟିଇଟି ପାସ୍ କରି ନଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ପଦୋନ୍ନତି ପ୍ରକ୍ରିୟାରେ ସାମିଲ କରିବାକୁ ଜିଲ୍ଲା ଶିକ୍ଷା । ଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ୨୦୧୧ ପୂର୍ବରୁ ନିଯୁକ୍ତ ହୋଇଥିବା ଶିକ୍ଷକମାନଙ୍କ କ୍ଷେତ୍ରରେ ଓଟିଇଟି ବାଧ୍ୟତାମୂଳକ ନଥିଲା । ସେହି ସମୟରେ ସରକାର ଜିଲ୍ଲା ବିଦ୍ୟାଳୟ ପଞ୍ଚୁରୁ ମଧ୍ୟ ଆମକୁ ଓଟିଇଟି ପାସ୍ କରିବା ପାଇଁ ଲୌଖିସି ଷ୍ଟ ନିର୍ଦ୍ଦେଶ ଦିଆଯାଇନଥିଲା । ବୋଲି ସଂଘର ସଭାପତି ତ୍ରିନାଥ ହରିଜନ କହିଛନ୍ତି । ପରବର୍ତ୍ତୀ ସମୟରେ ଆମ ପାଇଁ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା କରାଯିବ ବୋଲି ଘୋଷଣା ହେଲା । ବର୍ତ୍ତମାନ ସୁଦ୍ଧାତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା କରାଯିବ ବୋଲି ମଧ୍ୟ ଆମକୁ ଆଶ୍ୱାସନା ମିଳିଥିଲା । କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ଘୋଟିଏ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହୋଇଛି । ଏଥିରେ ଅନେକ ଶିକ୍ଷକ ଉତୀର୍ଣ୍ଣ ହୋଇଥିବାବେଳେ କିଛି ଶିକ୍ଷକ ଏବେ ମଧ୍ୟ ଓଟିଇଟି ପାସ୍ କରିବାର ସୁଯୋଗ ଅପେକ୍ଷା କରି ରହିଛନ୍ତି ବୋଲି ସେ କହିଛନ୍ତି । ସୂଚ୍ଚିମେଳାକୁଁକ ନିର୍ଦ୍ଦେଶ ଅନୁଯାୟୀ ଓଟିଇଟି ପାସ୍ କରିବା ପାଇଁ ଆମକୁ ଅତଃ ୨୦୨୮ ପର୍ଯ୍ୟନ୍ତ ସମୟ ଦିଆଯାଇଛି । ଯେତେବେଳେ ଆମ ପାଖରେ ପାସ୍ କରିବା ପାଇଁ ଏତେ ସମୟ ରହିଛି, ସେତେବେଳେ ବର୍ତ୍ତମାନର ପଦୋନ୍ନତି ପ୍ରକ୍ରିୟାରୁ ଆମକୁ ବାଦ୍ ଦେବା ଉଚିତ ନୁହେଁ ବୋଲି ସେ କହିଛନ୍ତି । ଆବଶ୍ୟକ ହେଲେ ଆମକୁ ସର୍ତ୍ତମୂଳକ ଭାବେ ପଦୋନ୍ନତି ଦିଆଯାଉ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପାସ୍ କରିବାକୁ ସୁଯୋଗ ଦିଆଯାଉ ବୋଲି ସେ କହିଛନ୍ତି । ଯଦି ଆମେ ନିର୍ଦ୍ଧାରିତ ସମୟ ମଧ୍ୟରେ ପାସ୍ କରିବାରେ ବିଫଳ ହେଉ, ତେବେ ସରକାର ଯାହା ନିୟମାନୁଯାୟୀ ନିଷ୍ପତ୍ତି ନେବେ, ତାହାକୁ ଆମେ ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

ଭିଜିଲାନ୍ସ ଜାଲରେ ଏମ୍‌ଆଇଏସ୍, ଆବାସ ଯୋଜନା ବିଲ୍ କରାଇବାକୁ ନେଉଥିଲେ ୭ ହଜାର ଟଙ୍କା ଲାଂଚ

ଉବାନୀପାଟଣା, ୨୧/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ପୁଣି ଜଣେ ସରକାରୀ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶେଷ ବିଲ କରାଇଦେବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ୭ ହଜାର ଟଙ୍କା ଲାଂଚ ନେଉଥିବା ସମୟରେ ଖଣ୍ଡିଗତ କୁନାଗଡ଼ ଏନ୍‌ଏସିର ଏମ୍‌ଆଇଏସ୍ ଆସିଷ୍ଟାଂଟ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ସୂଚନା ଅନୁଯାୟୀ, ଜଣେ ଆବାସ ଯୋଜନା ହିତାଧିକାରୀଙ୍କ ଘର ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଶେଷ ବିଲ ପ୍ରସ୍ତୁତ କରିବା ପାଇଁ ସମ୍ପୃକ୍ତ



କର୍ମଚାରୀ ୭ ହଜାର ଟଙ୍କା ଦାବି କରିଥିଲେ । ଏନେଇ ହିତାଧିକାରୀ ଭିଜିଲାନ୍ସ ବ୍ୟୁରୋ ଠାରେ ଅଭିଯୋଗ କରିଥିଲେ । ଖଣ୍ଡିଗତ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ତାଙ୍କଠାରୁ ଲାଂଚ ଟଙ୍କା ଜବତ କରିବା ସହ ଅଧିକ ତଦନ୍ତାରମ୍ଭ ଓ ତଦନ୍ତ ପାଇଁ ଭଜାରାପାରଣାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଛନ୍ତି । ପ୍ରକାଶ ଥାଉକି, ଏଥାର ଦୁଇ ଦିନ ପୂର୍ବରୁ ଗୁରୁବାର ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଓ ତାଙ୍କ ଡ୍ରାଇଭର ପଙ୍କଜ ସିପକା ୧୨ ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଥିଲେ । ଜମିର କିସମ ପରିବର୍ତ୍ତନ ଓ ସଂଶୋଧିତ ପଟ୍ଟା ପ୍ରଦାନ ମାମଲାରେ ଏହି ଘଟଣା ଘଟିଥିଲା । ଶୁକ୍ରବାର ଜମିନ ନ ମିଳିବାରୁ ତହସିଲଦାର ଓ ତାଙ୍କ ଡ୍ରାଇଭର ଜେଲ ଯାଇଥିଲେ ।ଗୋଟାଏ ଦୁଇ ଦିନରେ ଜିଲ୍ଲାର ଦୁଇଟି ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଲାଂଚ ମାମଲାରେ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା ଜିଲାର ଚର୍ଚ୍ଚାର ବିଷୟ ହୋଇଛି ।

ସରକାରୀ ଆଇଟିଆଇ ରାୟଗଡରେ ସମାବର୍ତ୍ତନ ଉତ୍ସବ

ରାୟଗଡ଼, ୨୧/୧୧ (ଆ.ପ୍ର) : ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ରାୟଗଡରେ ଆଜି ସମାବର୍ତନ ଉତ୍ସବ ଆୟୋଜିତ ହୋଇଯାଇଛି । ଦକ୍ଷତା ତାଲିମ ସଫଳତାର ସହ ସମାପ୍ତ ହରିଥିବା ୨୦ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପ୍ରମାଣପତ୍ର ଓ ଟୁଟି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମାବର୍ତନ ଉତ୍ସବ ନିର୍ଦ୍ଦେଶାନୟ ଜେନେରାଲ୍ ଅଫ୍ ଟ୍ରେନିଂ, ଶୈଳିକ ବିକାଶ ଓ ଉଦ୍ୟମଶୀଳତା ମଣ୍ଡାଳୟ, ରାଜ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆୟୋଜିତ ହୋଇଥିଲା । ଏହାର ଉଦ୍ଦେଶ୍ୟ ତାଲିମ ସଫଳତାର ସହ ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା, ସେମାନଙ୍କ ସଫଳତାକୁ



ଶ୍ରୀଯୁକ୍ତ ଦେବା ଏବଂ ଯୁଦ୍ଧପିଡ଼ିତ୍ୱଙ୍କୁ ଦକ୍ଷତା ବିକାଶ ଓ ନୂତନତ ଶିକ୍ଷା ପ୍ରତି ଉତ୍ସାହିତ କରିବା । କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ରାୟଗଡ଼ ଯୁଗ୍ମ ଶ୍ରମ କମିଶନର ଓ ସାଇଦେଗା ମାଗୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ତାଲିମ ଅଧିକାରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏହି ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ରାଜପ୍ରସ୍ତ ତାଲିମ ଅଧିକାରୀ ଶଙ୍କାର ଶେଖର ସାହୁ ଧନ୍ୟବାଦ ଅର

ସମ୍ବାଦପତ୍ର
ଆରମ୍ଭ
SEITHO ARAMBHA
ରବିବାର ୨୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

୨ କୋଟିର ଜମି ରେକର୍ଡ ପରିବର୍ତ୍ତନକୁ ନେଇ ଉଠିଲା ପ୍ରଶ୍ନ
ଜମି ଫେରାଇବାକୁ ଗ୍ରାମବାସୀଙ୍କ ଦାବୀ

ଇଙ୍ଗଳେଶ୍ୱର, ୨୧/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଜରାମପୁର ଗ୍ରାମରେ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୪୨ ଡିସିମିଲ ଜମିକୁ ନେଇ ବିବାଦ ଦେଖାଦେଇଛି । ସରକାରୀ ଖାତାକୁ ନନେଇ ଉକ୍ତ ଜମିକୁ ବ୍ୟକ୍ତିଗତ ନାମରେ ରେକର୍ଡ କରାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ବଜରାମପୁର ମୌଜାର ୧୦୭ ଓ ୧୦୮ ନମ୍ବର ସୁଦ୍ଧର ଏହି ଜମି ପୂର୍ବରୁ ୧୯୩୩ ନମ୍ବର ଖାତାରେ ରାମ ସିଂହ, ଶ୍ୟାମ ସିଂହ ଓ ବାମ ସିଂହଙ୍କ ନାମରେ ସ୍ଥିତିବାନ ସମ୍ପତ୍ତି ଭାବେ ରେକର୍ଡ ଥିଲା । ସେତେବେଳେଂ ସମୟରେ ଖାତାଧାରୀମାନେ ଉପସ୍ଥିତ ନଥିବାରୁ ତତ୍କାଳୀନ ଗ୍ରାମର ସାଇଣୀ ଲୋକନାଥ ପ୍ରଧାନ ସେତେବେଳେ ଏହାକୁ ନିଜ ନାମରେ ରେକର୍ଡ କରିଥିବା ଅଭିଯୋଗ ହୋଇଛି । ସେହିପରି ଜମିର ସତ୍ୱ ପରିବର୍ତ୍ତନ ହୋଇଥିବା ବ୍ୟକ୍ତିମାନଙ୍କ ନାମରେ ପୂର୍ବରୁ ମଧ୍ୟ ଯଥେଷ୍ଟ ଗଡବଡ଼ି କିମ୍ବା ଜମି ଥିବା ଗ୍ରାମବାସୀ ରହିଛନ୍ତି । ତେବେ ସେମାନଙ୍କ ନାମରେ ଥିବା ଜମି ପୂର୍ବରୁ ଏଡେ ମୂଲ୍ୟବାନ ଜମି କିପରି ସେମାନଙ୍କ ନାମରେ ରେକର୍ଡ ହେଲା, ତାହା ତଦନ୍ତସାପେକ୍ଷ । ଏହି ରେକର୍ଡ ପରିବର୍ତ୍ତନରେ ତତ୍କାଳୀନ ତହସିଲଦାର ସାଇଣୀ ଲୋକନାଥ ପ୍ରଧାନ ସେଠାକୁ ଜମିକାକୁ ନେଇ ୦୦୪-୧ ସିକିମ୍ ଖାତାରେ ତରଜ କରିବା ସହ ଗୋବିନ୍ଦ ସାହୁ ପ୍ରମୁଖଙ୍କ ନାମ ଉଲ୍ଲେଖ କରିଥିବେ । ତେବେ ପରବର୍ତ୍ତୀ ସମୟରେ ତଦ୍ଧାଳ କେସ୍ ନମ୍ବର ୯/୨୪ ମାଧ୍ୟମରେ ଉକ୍ତ ଜମିକୁ ସରକାରୀ ଖାତାକୁ ନନେଇ ଜରବରଖଲକାରୀଙ୍କ ଉତରାଧିକାରୀ ତଥା ଗ୍ରାମ୍ୟ କମିଟିର ମୁଖ୍ୟ ଗିରିଜା ଶଙ୍କର ସାହୁ, ଧରଣୀଧର ସାହୁ ଓ ଅନ୍ୟ ଛଅ ଜଣଙ୍କ ନାମରେ ରେକର୍ଡ କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ଜମିର ସତ୍ୱ ପରିବର୍ତ୍ତନ ହୋଇଥିବା ବ୍ୟକ୍ତିମାନଙ୍କ ନାମରେ ପୂର୍ବରୁ ମଧ୍ୟ ଯଥେଷ୍ଟ ଗଡବଡ଼ି କିମ୍ବା ଜମି ଥିବା ଗ୍ରାମବାସୀ ରହିଛନ୍ତି । ଉକ୍ତ ଜମିକୁ ମୂଳ ପ୍ରକାଙ୍କ ନାମରେ କିମ୍ବା ସରକାରୀ ଖାତାକୁ ଫେରାଇ ଆଣିବା ଲକ୍ଷ ରେକର୍ଡ ପରିବର୍ତ୍ତନରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ଷ ଏବେ ବଡ଼ ପ୍ରଶ୍ନ-ଦୁଇ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଏହି ଜମିର ରେକର୍ଡ ପରିବର୍ତ୍ତନ ପଛରେ ପ୍ରକୃତ ସତ୍ୟ କ'ଣ ? ରାଜସ୍ୱ ବିଭାଗ ଏହାର ନିରପେକ୍ଷ ତଦନ୍ତ କରି ଜମିର ପ୍ରକୃତ ସ୍ଥିତି ଷ୍ପଷ୍ଟ କରିବ କି ? ନା ଏହି ବିବାଦ ଏମିତି ଅନିଷ୍ପତିତ ମଧ୍ୟରେ ରହିଯିବ ?

ବିଧାନସଭାରେ ଚାରି ବିଧାୟକ ଉଠାଇଲେ ପ୍ରସଙ୍ଗ
ନୂଆ ନିୟମାବଳୀ ପ୍ରସ୍ତୁତି ଚାଲିଥିବା ମନ୍ତ୍ରୀଙ୍କ ସୂଚନାରେ ହଜାର ହଜାର ଶିକ୍ଷକଙ୍କ ମନରେ ଆଶା

ବାଲେଶ୍ୱର, ୨୧/୧୧ (ଆ.ପ୍ର) : ମାଧ୍ୟମିକ ଶିକ୍ଷକଙ୍କ ଆନ୍ତଃଜିଲ୍ଲା ପାରସ୍ପରିକ ବଦଳି ବ୍ୟବସ୍ତାରେ ଥିବା ଜଟଜଟା ଜଟିଳ କି ? ସମସ୍ତ ଚଟିରି ଜୀବନରେ କେବଳ ଥରେ ବଦଳିର ସୁଯୋଗ ଦେଉଥିବା ବର୍ତମାନର ନିୟମରେ ପରିବର୍ତ୍ତନ ଆସିବ କି ? ଏଭଳି ପ୍ରଶ୍ନ ଏବେ ହଜାର ହଜାର ଶିକ୍ଷକଙ୍କ ମନରେ ଆଶା ଓ ଉତ୍କଣ୍ଠା ସୃଷ୍ଟି କରିଛି । ଓଡ଼ିଶା ବିଧାନସଭାରେ ଚାରିଜଣ ବିଧାୟକ ଏହି ଦାର୍ଘଦିନର ଦାବି ଉଠାଇଥିବା ବେଳେ ନୂତନ ବଦଳି ନିୟମାବଳୀ ପ୍ରସ୍ତୁତି ଚାଲିଥିବା ନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିବା ବିଧାୟକମାନେ ହେଲେ ଲୋଚାଗାଁର ବିଧାୟକ ଗୌତମ ବୁଦ୍ଧ ଦାସ, ବାରଙ୍ଗତୀ-ବଡ଼ଚନ ବିଧାୟିକା ସୋଫିଆ ଫିର୍ଦୌସ, ବେଦାନ୍ତ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ଏବଂ ବସ୍ତା ବିଧାୟିକା ସୁବାସିନୀ ନେଜା । ସେମାନେ ମାଧ୍ୟମିକ ଶିକ୍ଷକଙ୍କୁ ଏକାଧିକ ଥର ଆନ୍ତଃଜିଲ୍ଲା ପାରସ୍ପରିକ ବଦଳିର ସୁଯୋଗ ମିଳିବା ନେଇ ସରକାରଙ୍କଠାରୁ ସ୍ପଷ୍ଟ ଉତ୍ତର ଲୋଡ଼ିଥିଲେ ।



ଏଥିର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ନୂତନ ବଦଳି ନିୟମାବଳୀ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି । ତେବେ ନୂତନ ନିୟମାବଳୀ କେବେ ବୃତ୍ତାନ୍ତ ହେବ ଏବଂ ଏଥିରେ ଏକାଧିକ ଥର ବଦଳିର ସୁଯୋଗ ରହିବ କି ନାହିଁ, ତାହା ଏବେ ଶିକ୍ଷକ ମହଲରେ ମୁଖ୍ୟ ଆଲୋଚନାର ବିଷୟ ହୋଇଛି । ଏହି ଦାବିକୁ ନେର ଓଡ଼ିଶା ମାଧ୍ୟମିକ ଶିକ୍ଷକ ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ସଂସ୍ଥ (ଓଏସ୍‌ଟିଏମ୍‌ଟିଏ) ବାର୍ଷିକ ଧରି ସାଂଗଠନିକ ଓ ଆନ୍ଦୋଳନାତ୍ମକ ଉଦ୍ୟମ ଜାରି ରଖିଛି । ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ବିଦ୍ୟାଘର ସଚିବ, ବିଧାୟକ ଏବଂ ବିଧାନସଭାର ସ୍ଥାୟିଂ କମିଟିକ ନିକଟରେ ସଂଘ ପକ୍ଷରୁ ଏକାଧିକ ଥର ଦାବିପତ୍ର ଓ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘର ମୁଖ୍ୟ ଅନୁଯାୟୀ, ମ୍ୟୁଚୁଆଲ୍ ଟ୍ରାନ୍ସଫର୍ ହେଉଛି ଦୁଇଜଣ ସେମାନ ସ୍ୱେଚ୍ଛାକୃତ ପାରସ୍ପରିକ ବଦଳି ବ୍ୟବସ୍ତା । ଏଥିରେ ନୂତନ ପଦବୀ ସୃଷ୍ଟିର ଆବଶ୍ୟକତା ନାହିଁ ଜିଲ୍ଲା ସରକାରଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବାର ପ୍ରଶ୍ନ ଉଠୁନାହିଁ । ବିଷୟଟିକି ଯୋଗ୍ୟତା, ଅନୁମୋଦିତ ଶିକ୍ଷକ ପଦବୀ, ବିଦ୍ୟାଳୟରେ ଉପଲବ୍ଧ ଶିକ୍ଷକଙ୍କ ସଂଖ୍ୟା ଓ ବିଭାଗୀୟ ଅନୁମୋଦନ ଅଧାରରେ ଏହାକୁ ସୁସଂଗଠିତ ଢଙ୍ଗରେ କାର୍ଯ୍ୟକାରୀ କରାଯାଇପାରିବ । କିନ୍ତୁ ବର୍ତମାନର ନିୟମ ଅନୁସାରେ ସମସ୍ତ ଚାକିରି ଜୀବନରେ କେବଳ ଥରେ ଆନ୍ତଃଜିଲ୍ଲା ପାରସ୍ପରିକ ବଦଳିର ସୁଯୋଗ ମିଳୁଛି । ଫଳରେ ଥରେ ବଦଳି ହୋଇସାରିବା ପରେ ପରବର୍ତୀ ସମୟରେ ପାରିବାରିକ, ସାମାଜିକ କିମ୍ବା ବ୍ୟକ୍ତିଗତ ପରିସ୍ଥିତି ବଦଳିଲେ ମଧ୍ୟ ଅନେକ ଶିକ୍ଷକ ନିଜ ଜିଲ୍ଲାକୁ ଫେରିବାର ସୁଯୋଗ ପାଉନଥାନ୍ତି । ଦୀର୍ଘଦିନ ଧରି ନିଜ ଜିଲ୍ଲାଠାରୁ ଦୂରରେ ରହି କାର୍ଯ୍ୟ କରୁଥିବା ଶିକ୍ଷକମାନେ ଏଥିପାଇଁ ବିଭିନ୍ନ ସମୟରୁ ସାଙ୍ଗ୍ଧାନ ହେଉଛନ୍ତି । ବିଶେଷକରି ବୟସ୍କ ମାତାପିତାଙ୍କ ଯତ୍ନ, ପାରିବାରିକ ଦାୟିତ୍ୱ ଏବଂ ଅନ୍ୟାନ୍ୟ ଅସୁବିଧାର ପରିପ୍ରେକ୍ଷିରେ ନିଜ ଜିଲ୍ଲାକୁ ଫେରିବାର ବିକଳ୍ପ ନ ଥିବାରୁ ସମସ୍ୟା ଜଟିଳ ହେଉଛି । ଏହି ପରିପ୍ରେକ୍ଷୀରେ ଏହାକୁ ସୁସଂଗଠିତ ଢଙ୍ଗରେ କାର୍ଯ୍ୟକାରୀ କରାଯାଇପାରିବା । କିନ୍ତୁ ବର୍ତମାନର ନିୟମ ଅନୁସାରେ ସମସ୍ତ ଚାକିରି ଜୀବନରେ କେବଳ ଥରେ ଆନ୍ତଃଜିଲ୍ଲା ପାରସ୍ପରିକ ବଦଳିର ସୁଯୋଗ ଦେବାକୁ ସଂଘ ଦାବି କରିଛି । ବିଧାନସଭାରେ ଚାରିଜଣ ବିଧାୟକଙ୍କ ଦ୍ୱାରା ଏହି ପ୍ରସଙ୍ଗ ଉଠିବା ଏବଂ ନୂତନ ନିୟମାବଳୀ ପ୍ରସ୍ତୁତି ସମ୍ପର୍କରେ ମନ୍ତ୍ରୀଙ୍କ ସୂଚନା ପରେ ଶିକ୍ଷକମାନଙ୍କ ଆଶା ବଢ଼ିଛି । ତେବେ ନୂତନ ନିୟମରେ ସେମାନଙ୍କ ଦୀର୍ଘଦିନର ଦାବିକୁ କେତେଦୂର ସ୍ଥାନ ମିଳୁଛି ଏବଂ ସରକାର କେବେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

ପ୍ରକୃତିର ଅପୂର୍ବ ଉପହାର ହଂସକରା ମୁହାଣ : ପର୍ଯ୍ୟଟନ ବିକାଶକୁ ଅପେକ୍ଷା

ବାଲେଶ୍ୱର, ୨୧/୧୧ (ଆ.ପ୍ର) : ନଦୀ ଓ ସମୁଦ୍ରର ମିଳନ, ବିଶାଳ ବାଲୁକା ସ୍ତୂପ, ଝାଉଁ ଜଙ୍ଗଲ, ନାଲି କଙ୍କଡ଼ା ଏବଂ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପରମ୍ପରା । ପ୍ରକୃତିର ଏଭଳି ଅପୂର୍ବ ସମାନ୍ତରେ ନେଇ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଜମିରାଇ ପଂଚାୟତରେ ଅବସ୍ଥିତ ହଂସକରା ନଦୀ ମୁହାଣ ଏକ ଆକର୍ଷଣୀୟ ପ୍ରାକୃତିକ ସ୍ଥଳ ଭାବେ ରହିଛି । ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ, ସଚ୍ଚାକାରା ଉଦ୍ୟମ ଓ ଯୋଜନାବଦ୍ଧ ବିକାଶର ଅଭାବରୁ ଏହି ପ୍ରାକୃତିକ ସମ୍ପଦ ଏବେ ଅବହେଳିତ ହୋଇ ପଡ଼ିଛି । ହଂସକରା ନଦୀ ଏଠାରେ ବଙ୍ଗୋପସାଗରରେ ମିଶିଛି । ଅତୀତରେ ଏହି ମୁହାଣରେ ଶହ ଶହ ମାଛଧରା ଡଙ୍ଗାର ସମାଗମ ହେଉଥିଲା । ଜମିରାଇ, ଫଂପୁପାଳି, ନୂଆଗାଁ ଆଦି ପଂଚାୟତର ଶତାଧିକ ମତ୍ସ୍ୟଜୀବୀ ପରିବାର ଏହି ମୁହାଣ ଉପରେ ନିର୍ଭର କରି ସମୁଦ୍ରକୁ ମାଛ ଧରି ଜୀବିକା ନିର୍ବାହ କରୁଥିଲେ । ଆଜି ମଧ୍ୟ ଅନେକ ମତ୍ସ୍ୟଜୀବୀ ଏହି ମୁହାଣ ବେଳ ସମୁଦ୍ରକୁ ଯାଉଛନ୍ତି । ତେଣୁ ଏହାର ସୁରକ୍ଷା ସହିତ ଶତାଧିକ ପରିବାରର ଜୀବିକା ଜଡ଼ିତ ରହିଛି । ଦୀର୍ଘବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ନଦୀ ମୁହାଣରେ ବାଲି ଜମା ହୋଇ ଏହା ମୁମାଣ ପ୍ରାୟ ବନ୍ଦ ହୋଇଯିବାର ଆଶଙ୍କା ଦେଖାଦେଇଛି । ଫଳରେ ଜଳର ଗଭୀରତା ଓ ସ୍ୱାଭାବିକ ପ୍ରବାହ ପ୍ରଭାବିତ ହେବା ସହ ମତ୍ସ୍ୟଜୀବୀଙ୍କ ଡଙ୍ଗା ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି । ଜୈଵିକ ଅନୁଧ୍ୟାନ ଓ ପରିବେଶଗତ ମୂଲ୍ୟାଙ୍କନ ପରେ ଆବଶ୍ୟକ ଡ୍ରେଜିଂ ଏବଂ ମୁହାଣର ସ୍ୱାଭାବିକ ଜଳପ୍ରବାହ ରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି । ହଂସକରା ନଦୀର ଉତର ପାର୍ଶ୍ୱରେ ଦିଗନ୍ତ ବିସ୍ତାରୀ ଧଳୁଆ, ଝାଉଁ ଜଙ୍ଗଲ ଓ ନାଲି କଙ୍କଡ଼ାର ବିଚରଣ ଏହି ସ୍ଥାନର ପ୍ରାକୃତିକ ଆକର୍ଷଣକୁ ବଢ଼ାଇଛି । ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ପର୍ଯ୍ୟଟକ ଓ ଫଟୋଗ୍ରାଫରଙ୍କୁ ଆକୃଷ୍ଟ କରିବାର ସମ୍ଭାବନା ରଖିଛି । ନଦୀକୂଳରେ ପାର୍କ, ବେଂଚି, ଶିଶୁ ଉଦ୍ୟାନ, ପର୍ଯ୍ୟଟକଙ୍କ ବିଶ୍ରାମସ୍ଥଳୀ, ପାମ୍ପାସ ଜଳ ଓ ପରିମଳ ବ୍ୟବସ୍ତା ଜରାଗଲେ ଏହି ସ୍ଥାନ ଏକ ଆକର୍ଷଣୀୟ ପ୍ରକୃତି ପର୍ଯ୍ୟଟନ କେନ୍ଦ୍ର ହୋଇପାରିବ । ଏଥିସହ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଦ୍ୱାରା ମତ୍ସ୍ୟ ହାଟ, ସାମୁଦ୍ରିକ ଖାଦ୍ୟ କେନ୍ଦ୍ର ଓ ସ୍ଥାନୀୟ ହସ୍ତତନ୍ତ ଦ୍ରବ୍ୟ ବିକ୍ରୟ ବ୍ୟବସ୍ତା ହେଲେ ଗୋଟାଞ୍ଚଳର ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ । ଏହି ଅଂଚଳର କେତେକ ସ୍ଥାନକୁ ବେଆଇନ ଭାବେ ଜରବଦଖଲ କରାଯାଇଥିବା ଅଭିଯୋଗ ମଧ୍ୟ ରହିଛି । ସରକାରୀ ଓ ଜଙ୍ଗଲ ଜମିର ସ୍ପଷ୍ଟ ଚିହ୍ନଟ କରି ଅତଃପର ଆଇନଗତ ପଦକ୍ଷେପ ନେବା ସହ ନଦୀ ମୁହାଣ, ବାଲୁକା ସ୍ତୂପ ଓ ଜୈବ ବିବିଧତାର ସୁରକ୍ଷା ପାଇଁ ସମନ୍ୱିତ ଯୋଜନାର ଆବଶ୍ୟକତା ରହିଛି । ହଂସକରା ମୁହାଣର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ସମେତ ଜଙ୍ଗଲ, ମତ୍ସ୍ୟ, ଜଳସମ୍ପଦ ଓ ପର୍ଯ୍ୟଟନ ବିଭାଗର ମିଳିତ ଉଦ୍ୟମ ଜରୁରୀ । ପ୍ରଥମେ ଅଂଚଳର ସର୍ଭେ କରାଯାଇ ନଦୀ ମୁହାଣ, ଜଙ୍ଗଲ, ବାଲୁକା ସ୍ତୂପ ଓ ଜମିର ସ୍ପଷ୍ଟ ଅନୁଧ୍ୟାନ କରିବାକୁ ମତ ପ୍ରକାଶ ପାଇଛି । ପ୍ରକୃତିର ଅପୂର୍ବ ଦାନ ହଂସକରା ମୁହାଣର ସୁରକ୍ଷା ଜରେଳ ପର୍ଯ୍ୟଟନ ବିକାଶର ପ୍ରଶ୍ନ ଜୁଡ଼େ, ଏହା ମତ୍ସ୍ୟଜୀବୀଙ୍କ ଜୀବିକା ଓ ଉପକୂଳ ପରିବେଶର ସୁରକ୍ଷା ସହ ମଧ୍ୟ ଜଡ଼ିତ । ଉପଯୁକ୍ତ ଯୋଜନା ଓ ପ୍ରଶାସନିକ ଆନୁକୂଳ୍ୟ ରହିଲେ ହଂସକରା ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାର ଏକ ପରିଚିତ ପ୍ରକୃତି ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ ହୋଇପାରିବ ।

ଗାଁ ମଜଲିସ୍ ସାହିତ୍ୟ ସମ୍ମାନ ପାଇବେ ବିଶିଷ୍ଟ ପ୍ରାବନ୍ଧିକ ଡକ୍ଟର ବୈଷ୍ଣବ ଚରଣ ସାମଲ



ବାଲେଶ୍ୱର, ୨୧/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଗାଁ ମଜଲିସ୍ ସାହିତ୍ୟ ସଂସଦ' ଏବଂ ସାହିତ୍ୟ ପତ୍ରିକା 'ଶଂଖଦେବା' ପକ୍ଷରୁ ଚଳିତ ବର୍ଷ ପାଇଁ ବିଜିନ୍ନ ସାହିତ୍ୟ ସମ୍ମାନ ଓ ସମ୍ବର୍ଦନା ନିମନ୍ତେ ମନୋନୀତ ପ୍ରତିଭାମାନଙ୍କ ନାମ ଘୋଷଣା କରାଯାଇଛି । ବିଶିଷ୍ଟ ପ୍ରାବନ୍ଧିକ ଡ. ବୈଷ୍ଣବ ଚରଣ ସାମଲ ଚଳିତ ବର୍ଷର ମଧ୍ୟାଦ୍ୟାଜନକ 'ଗାଁ ମଜଲିସ୍ ସାହିତ୍ୟ ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି । ସେହିପରି ଗାଳ୍ପିକ ପରିତ୍ର ପାଣିଗ୍ରାହୀ 'ଶଂଖଦେବା ଗଳ୍ପ ସମ୍ମାନ' ଏବଂ କବି ତ୍ରିନାଥ ସିଂହ 'ଶଂଖଦେବା କବିତା ସମ୍ମାନ' ପାଇବାକୁ ବେଳେ ସାହିତ୍ୟିକ କୃଷ୍ଣ କୁମାର ମହାନ୍ତିଙ୍କୁ 'ସାହିତ୍ୟ ଓ ସମାଜସେବା ସମ୍ମାନ' ପ୍ରଦାନ କରାଯିବ । ସେହିପରି ଯୁବ ନାଟ୍ୟକାର ଡକ୍ଟର ଦୀପକ ଜେନା 'ନବମୋହନ ମହାପାତ୍ର ନାଟ୍ୟ ସମ୍ମାନ' ପାଇବେ । ଅନ୍ୟ ମନୋନୀତ ପ୍ରତିଭାମାନଙ୍କ ମଧ୍ୟରେ ସୁଭୁତ ଦାସ 'ଗୁରୁଚରଣ ଦଳେଇ ଶିକ୍ଷା-ସାହିତ୍ୟ ସମ୍ମାନ', ଗୋବିନ୍ଦ 'ମଦନମୋହନ ଦଳେଇ ସାହିତ୍ୟ ସମ୍ମାନ', ଜତି ଜନଜଗରା ଦାଶ 'ପ୍ରଦ୍ୟୁମ୍ନ ମହନ୍ତ ସୃତି ସମ୍ମାନ', କବୀ ପ୍ରତାଶିନୀ ଦୋହା 'ଦୃର୍ଗଭରା-ବିଶ୍ୱନାଥ ଲେଖକା ସମ୍ମାନ' ଏବଂ କବୀ ଯୋଗମାୟୀ ସାମଲ 'ଜୟକୃଷ୍ଣ ବିଶ୍ୱାଳ ସାହିତ୍ୟ-ସେବା ସମ୍ମାନ' ପାଇବେ । ସେହିପରି ମଧୁସୂଦନ ଦାଶ 'ଚିନ୍ତାମଣି ମଲ୍ଲିକ ଶିକ୍ଷକଶ୍ରୀ ସମ୍ମାନ', କବୀ ସମ୍ବିତା ରାଉତ 'ଗଣେଶ ମହାପାତ୍ର ସାହିତ୍ୟ ସମ୍ମାନ', ସିନେ ତାରକା ବିକ୍ରମ ମହାନ୍ତି ଓ ଦିବ୍ୟଜ୍ୟୋତି ପାତ୍ର ଯୁଗଳବରୀ ରାଜେ 'ରାଘବେନ୍ଦ୍ର କମଳାକାନ୍ତ ଓଝ' ନାଟ୍ୟକଳା ସମ୍ମାନ', ଜନଜଗରା ଦାଶ ମହାପାତ୍ର 'କୋଳିକ-ଶୁକୁମଣି-ସୁମିତ୍ରା ଆଦର୍ଶ ଜନନୀ ସମ୍ମାନ' ଏବଂ ଉମାହୁ ରାଉତ 'ଲୋପାମୁଦ୍ରା ମେଧା ଗୌରବ ସମ୍ମାନ' ପାଇବେ । ଜବି ଉରାଓ ଚନ୍ଦ୍ର ଭାଣ୍ଡୁ 'ଗାଁ ମଜଲିସ୍ ଗୀତି ମଞ୍ଜୁଳ ସମ୍ମାନ' ପ୍ରଦାନ କରାଯିବ । ସଂସଦର ସଭାପତି ଡ. ରମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନୋନୟନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଆସନ୍ତା ଡିସେମ୍ବର ୨୦ ତାରିଖରେ ଆୟୋଜିତ ହେବାକୁ ଥିବା ସଂସଦର ବାର୍ଷିକ ଉତ୍ସବରେ ମନୋନୀତ ପ୍ରତିଭାମାନଙ୍କୁ ଏହି ସମ୍ମାନ ଓ ସମ୍ବର୍ଦନା ପ୍ରଦାନ କରାଯିବ ବୋଲି ସମ୍ପାଦକ ବେହେରା ସୂଚନା ଦେଇଛନ୍ତି । ବୈଠକରେ ନବକିଶୋର ଦାସ, ସୁରେନ୍ଦ୍ରନାଥ ବାରିକ, ବିଜୟ କୁମାର ମହାପାତ୍ର, ଚେମେଳ ଦାସ, ଦାମୋଦର ଦାଶ ମହାପାତ୍ର, ଡ. ଉତାହୁ ବିଦ୍ୟାରୀ, ମହେଶ୍ୱର ପଣ୍ଡା, ଉତାହୁ କୁମାର ଦାସ, ଗୋଲକ ପାତ୍ର, ସୁଧାକର ସାମଲ, ନରେନ୍ଦ୍ର ସାମଲ, ଡକ୍ଟରର ପାତ୍ରା, ଅଚ୍ୟୁତ କୁମାର ପଣ୍ଡା, ମହେନ୍ଦ୍ର ସାହୁ, ସୁରଞ୍ଜନ ପାତ୍ର ଓ ତନ୍ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଗୋରୁ ଚୋରି ଅଭିଯୋଗ, ୩ ଗିରଫ ୫ଟି ଗୋରୁ ଉଦ୍ଧାର

ରେମୁଣା, ୨୧/୧୧ (ଆ.ପ୍ର) : ଗୋରୁ ଓ ଷଣ୍ଢ ଚୋରି ଅଭିଯୋଗରେ ବାଲେଶ୍ୱର ଶିଳ୍ପାଂଚଳ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୋମନାଥପୁର ଅଂଚଳରେ ଗୋରୁ ଚୋରି କରି ଏକ ସ୍ଥାନରେ ବାନ୍ଧି ରଖାଯାଇଥିବା ଖବର ପାଇ ପୁଲିସ ଚଢ଼ାଉ କରିଥିଲା । ଏହି ଚଢ଼ାଉ ସମୟରେ ୨ଟି ଷଣ୍ଢ ଓ ୩ଟି ଗାଈକୁ ମିଶାଇ ମୋଟ ୫ଟି ଗୋରୁ ଥିବା ଜଣାପଡ଼ିଥିଲା । ତେବେ ପୁଲିସ ଚଢ଼ାଉ ବେଳେ ଗୋଟିଏ ଗୋରୁ ଖସି ପଳାଇଥିବା ବେଳେ ଅନ୍ୟ ୪ଟିକୁ ଉଦ୍ଧାର କରାଯାଇଥିଲା । ପୁଲିସ ସୂତ୍ରନା ଅନୁଯାୟୀ, ଏହି ଘଟଣାରେ ସୋମନାଥପୁର ଅଂଚଳର ମେହେରବାନ ଖାଁଙ୍କ ପୁଅ ଜମ୍ମାନ (୧୯) ଓ ମୀର ଜମାଲାଙ୍କ ପୁଅ ମୀର ରିଜୱାନ (୨୮)ଙ୍କ ସମେତ ଶେରଗଡ଼ ଅଂଚଳର ଦିଲ୍ଲୁପ ମଣ୍ଡଳିଙ୍କ ପୁଅ ଜୟମାଧବ (୨୩)ଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା । ପୁଲିସ ତଦନ୍ତ ପରେ ତିନିଜଣଙ୍କୁ ଗିରଫ କରିଥିଲା । ପରେ ସେମାନଙ୍କୁ ଜୋର୍ଟ ଚାଲାଣ କରାଯାଇଛି । ଅନ୍ୟପକ୍ଷରେ ଉଦ୍ଧାର ହୋଇଥିବା ୪ଟି ଗୋରୁକୁ ସୁରକ୍ଷା ଓ ଯତ୍ନ ପାଇଁ ଗୋଶାଳରେ ଛାଡ଼ି ଦିଆଯାଇଛି । ଏନେଇ ଶିଳ୍ପାଂଚଳ ଥାନାରେ ୩୯୪/୨୬ ନମ୍ବରରେ ଏକ ମାମଲା ରୁଜୁ ହୋଇଛି ।

ହାଟଡିହି ବ୍ଲକରେ ତିନିଦିନିଆ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ ଶିବିର ଉଦଯାପିତ

ହାଟଡ଼ିହି, ୨୧/୧୧ (ଆ.ପ୍ର) : ହାଟଡିହି ବ୍ଲକ କାର୍ଯ୍ୟାଳୟର ପଞ୍ଚିକନୀ ସଭାରେ ଅୟୋଜିତ ତିନିଦିନିଆ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଉଦଯାପିତ ହୋଇଯାଇଛି । ପ୍ରଶିକ୍ଷଣ ସମୟରେ ବିଭିନ୍ନ ସରକାରୀ ଯୋଜନା, ଉଦ୍ୟୋଗ ପ୍ରତିଷ୍ଠା, ବ୍ୟାଙ୍କ ଋଣ ସୁବିଧା, ଆର୍ଥିକ ସହାୟତା ଏବଂ ସ୍ୱାବଲମ୍ବୀ ହେବାର ବିଭିନ୍ନ ଉପାୟ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ଆବଶ୍ୟକୀୟ ତଥ୍ୟ ଓ ପରାମର୍ଶ ପ୍ରଦାନ କରାଯାଇଥିଲା । ଉଦଯାପନୀ ଦିବସରେ ହାଟଡିହି ବିଡିଓ ରଞ୍ଜନ କୁମାର ପରିଡ଼ା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ସମୟରେ ହାସଲ କରିଥିବା ଜ

ସାପ୍ତାହିକ
ଆରମ୍ଭ
SEITHO ARAMBHA
ରବିବାର ୨୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଭୃତ୍ୟଭାବାପନ୍ନ ଶିକ୍ଷା

ମନୁଷ୍ୟ ଶରୀରରେ ଆଖି, କାନ, ପାଟି ଆଦି ସବୁ ଅଙ୍ଗପ୍ରତ୍ୟଙ୍ଗ ସହିତ ଅଣ୍ଡିରୁ ଜାତରେ ଜୀବନ୍ତ । ଏହି ଅଙ୍ଗପ୍ରତ୍ୟଙ୍ଗ ଯେପରି ମନୁଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି ସାମାଜିକ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ମନୁଷ୍ୟ ମଧ୍ୟ ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ । ମନୁଷ୍ୟ ମାନବଜାତିର ଏକ ଅଂଶ । ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ । ଏହି ପାରମ୍ପରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ । ପ୍ରକୃତିରେ ଯାହା କିଛି ହେଉଛି ସେଥିରେ ମନୁଷ୍ୟ ଏକ ପ୍ରକାରର ମଂତଳିର୍ଦ୍ଦେଶକ ପରି । ନିଜର ଦାୟିତ୍ୱକୁ ଭୁଲିଯାଇ ମନୁଷ୍ୟ ନିଜର ଅଧିକାର ପାଇଁ କନ୍ଦିଛି । ଗଭୀର ଭାବରେ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ । ତାର କେବଳ କର୍ତବ୍ୟ ଅଛି, ଅଧିକାର ନୁହେଁ । ନିଜର କର୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ କନ୍ଦିବା ନିର୍ବୋଧତା । ଆଜିର ଦିନା ଓ ତେତନାକୁ ଦେଖିଲେ ଜଣାଯାଏ ଯେ, ସଂସାରରେ ସବୁ ପ୍ରକାର ବୃଦ୍ଧି ଓ ବିଶୃଙ୍ଖଳାର କାରଣ ହେଉଛି ମନୁଷ୍ୟ ନିଜର କର୍ତବ୍ୟକୁ ଭୁଲିଯିବା । ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତବ୍ୟର ସୁ ସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ । ତାର ଏକମାତ୍ର ଅଧିକାର ହେଉଛି ନିଜର କର୍ତବ୍ୟ ସମ୍ପାଦନ କରିବା । ତାର ଆଉ ଅନ୍ୟ କୌଣସି ଅଧିକାର ନାହିଁ । ପିତାମାତାମାନେ ନିଜର କର୍ତବ୍ୟ ସମ୍ପାଦନ କଲେ ପିଲମାନେ ମଧ୍ୟ ନିଜର ଦାୟିତ୍ୱ ବୁଝିପାରିବେ । ପିଲାମାନେ ନିଜର ପିତାମାତାଙ୍କ ପ୍ରତି କର୍ତବ୍ୟ ସମ୍ପାଦନ କଲେ ପିତାମାତାମାନେ ସନ୍ତାନିତ ହେବେ । ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତବ୍ୟ ସମ୍ପାଦନ କଲେ ଛାତ୍ରଛାତ୍ରୀମାନେ ଠିକ ଭାବରେ ଆଚରଣ କରିବେ । ଛାତ୍ରଛାତ୍ରୀମାନେ ସେମାନଙ୍କର କର୍ତବ୍ୟ ଠିକ୍ ଭାପରରେ ସମ୍ପାଦନ କଲେ, କର୍ମଚିର୍ତାମାନେ ସମ୍ମାନ ଲାଭ କରିବେ ।' ଆଜି ଲୋକମାନେ ସେମାନଙ୍କର ଦାୟିତ୍ୱ ଭୁଲି ଯାଉଛନ୍ତି । ଜଗତ ପରମ୍ପର ସହିତ ସମ୍ପୃକ୍ତ ଅଂଶଗୁଡ଼ିକର ଏକ ଅଖଣ୍ଡ ଏକକ ଅଟେ । ପ୍ରତ୍ୟେକ ନିଜର କର୍ତବ୍ୟ କଲେ ସମସ୍ତଙ୍କୁ ଜୀବ ମିଳିବ । ମଣିଷ ନିଜର ଇର୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ । ପୁରଂଖ କୁମାର ରାଇ ତାଙ୍କ ଦିବ୍ୟ ବାଣୀଖଣ୍ଡରେ ବିଶେଷକରି ବିଦ୍ୟାର୍ଥୀ ବିଦ୍ୟାର୍ଥିମାନଙ୍କୁ ମାନଙ୍କୁ ଆଧ୍ୟତ୍ମିକ ଉତ୍‌ବୋଧନରେ ଉତ୍‌ସାହିତ କରିଛନ୍ତି । ଓଡ଼ାରି ଶିକ୍ଷା ଜଗତ ବହୁତିଧ ସମସ୍ୟାରେ ପରିପୂର୍ଣ୍ଣ । ତାହା ସମ୍ପୂର୍ଣ୍ଣ କର୍ତ୍ତୃପକ୍ଷଙ୍କୁ ବିତର୍ତିତ କରୁଛି । ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିପ୍ରାସରେ ସହାୟକ ହେଉଛି । ବେଶର ସର୍ବୋଚ୍ଚ କଲ୍ୟାଣର ଅଭିବୃଦ୍ଧି ଦିଗରେ ଶିକ୍ଷାପ୍ରତିଷ୍ଠାନଗୁଡ଼ିକ ନେତୃତ୍ୱ ନେବା କଥା, କିନ୍ତୁ ସେଗୁଡ଼ିକ ବେଶକୁ ପଥଭ୍ରଷ୍ଟ କରୁଛନ୍ତି । ତ୍ୟାଗ, ଚରିତ୍ରବତା, ସହୃଦୟ ଓ ନୈତିକତା ଆଦି ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରୟ ଉତ୍ତେଜ ଗଲେଣି । ଆମର ଯାହା ଦରକାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ । ନୂତନ ସମାଜ-ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ବହୁ ଲକ୍ଷନା ଲକ୍ଷନା ହେଉଛି । ଏ ସବୁ ବୃଥା ବାଗ୍ଜାମ । ଆଜି ଆମର କେବଳ ଉତମ ଲୋକ ଦରକାର । ମସ୍ତର୍ ମନ ଓ ହୃଦୟଙ୍ଗମ୍ନ ଲୋକମାନେ ଗଢିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ । ଏପରି ଲୋକମାନେ ସମାଜରେ ସେତେକିଚେଳେ ବାହାରିବେ ସେତେବେଳେ ସମାଜରେ ମାନସିକ ନିର୍ମଳତା ଓ ନୈତିକତା ରହିବ । ନୈତିକ ମୂଲ୍ୟବୋଧରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ସୃଷ୍ଟି କରିପାରିବ । ନୈତିକତା ଓ ଚରିତ୍ରବତା ଆଧ୍ୟତ୍ମିକ ତେତନା ଉପରେ ଆଧାରିତ । ନୈତିକତା ଓ ଚରିତ୍ରବତା ଆଧ୍ୟତ୍ମିକତା ଉପରେ ନିର୍ଭରଶୀଳ । ଆଧ୍ୟତ୍ମିକ ଶକ୍ତି ବିଶ୍ୱଶାନ୍ତି, ମାନବୀୟ ପ୍ରଗତି ଓ ସମୃଦ୍ଧିର ଉତ୍ତରର ଉଦିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରେ ।' ମନୁଷ୍ୟ ଆଧ୍ୟତ୍ମିକତାକୁ ଭୁଲିଯାଇ ବିଷୟ ବାସନା ଉପରେ ଆତ୍ମନ୍ତି ହେବାରୁ ଏହି କୃତ୍ରିମ ଜୀବନ ଯାପନ କରୁଛି । ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ । ଶିକ୍ଷା ମାଧ୍ୟମରେ ଜାତିଗତ ଜ୍ଞାନ ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ ଚିରିଯୋଗ କରାଯିବା ଉଚିତ । ଛାତ୍ରମାନଙ୍କ ମଧ୍ୟରେ ଏପରି ମନୋଭାବ ବିକଶିତ କରିବାକୁ ହେଲେ ସେମାନେ ଉତମ ଗୁଣାବଳୀର ଅନୁଶୀଳନ କରିବା ଉଚିତ । କେବଳ ଉତମ ଚରିତ୍ରସମ୍ପନ୍ନ ଛାତ୍ରର ମାତୃଭୂମି ପ୍ରତି ପ୍ରେମ ଓ ସମାଜକଲ୍ୟାଣ ପାଇଁ ଚିନ୍ତା ରହିବ । ଶିକ୍ଷା ବିଶ୍ୱକଲ୍ୟାଣ ପାଇଁ ଉତ୍ସର୍ଗିତ ହେବା ଉଚିତ ।

କବି ପ୍ରସନ୍ନ ମିଶ୍ର

॥ ବାଦଲ ଭୂୟାଁ ॥

ଆମ ସମୟର ପ୍ରସିଦ୍ଧ ସାହିତ୍ୟିକ ଓ ଅଧ୍ୟାପକ ଡ.ପ୍ରସନ୍ନ କୁମାର ମିଶ୍ର, ଭତ୍ତର ଜିଲ୍ଲା ଧାମନଗର ଅନ୍ତର୍ଗତ ପିତେଇପୁର ଗ୍ରାମରେ ଜନ୍ମ ହୋଇଥିଲେ । ଉଚ୍ଚଶିକ୍ଷା ପରେ ସେ ଅଧ୍ୟାପନାକୁ ବୃତି ରାବେ ଗ୍ରହଣ କରିଥିଲେ । ଅଧ୍ୟାପନା ଓ ସାହିତ୍ୟ ସୃଷ୍ଟି ଏକ ସଙ୍ଗେ ଚାଲିଥିଲା । ଖରାରେ ଦାଙ୍ଗରା ଲୋକ, ମଳିଜାର ପ୍ରିୟ, ତୁହକାଲାରେ ସନାତନ, ଅଦୃଶ୍ୟ ସଙ୍ଗମ ଆଦି ତାଙ୍କର ପ୍ରସିଦ୍ଧ କବିତା ଗ୍ରନ୍ଥ । ଡ.ମିଶ୍ର ଏକାଧାରରେ କବି, ଔପନ୍ୟାସିକ, ଅନୁବାଦକ, ନାଟ୍ୟକାର, ଶିଶୁ ସାହିତ୍ୟିକ ଓ ପ୍ରାବନ୍ଧିକ । ଜନସେତକ ନାତକ ପାଇଁ ସେ ପାଇଥିବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର । ତେବେ ସେ ନିଜକୁ କବି ରାବେ ପରିଚିତ କରିବାକୁ ଚାହିଁଥିଲେ । କବିତା ମୋର ଜୀବନ । କବିତା ସବୁ ତେବେ ଅତୃପ୍ତ । ମହା ଅସନ୍ତୁଷ୍ଟ ଜୀବ । ପରିତୃପ୍ତି ଆସେନାହିଁ କେବେ, ଆସିବାର ସମ୍ଭାବନା ବି ନାହିଁ । ପ୍ରତ୍ୟେକ କବିର ଜୀବନ ଅତସୋସର ସମୁଦ୍ର ।

ସାହିତ୍ୟରେ ସେ ନିଜ କଥା କହିଛନ୍ତି ପରିବେଶର ଓ ପରିବେଶରେ ଥିବା ଜନତା ଏବଂ ସେମାନଙ୍କର ଶ୍ରଦ୍ଧା ଓ ପ୍ରେମ କଥା କହିଛନ୍ତି ସମାଜ କଥା କହିଛନ୍ତି । ସମାଜର ଉର୍ଦ୍ଧ୍ୱରେ କିଛି ଥିବା ସେ ବିଶ୍ୱାସ କରୁନଥିଲେ । ତେଣୁ ସେ ସଂପର୍କରେ କିଛି କହିବାକୁ ଇଚ୍ଛା କରିନଥାନ୍ତି । ସାହିତ୍ୟ ସହ ଲକ୍ଷନା ସଂପର୍କିତ । ଏ ପ୍ରସଙ୍ଗରେ ସେ କହିଛନ୍ତି - ଲକ୍ଷନା ନ ମିଳିଲେ ସାହିତ୍ୟ ହୁଏନା । କିନ୍ତୁ ବ୍ୟକ୍ତିଗତ ଅନୁଭବତାକୁ ସମଗ୍ର ଜନତା ପାଖରେ ପହଂଚାଇବାକୁ ଲକ୍ଷନାର ସାହାଯ୍ୟ ନେବାକୁ ହୁଏ । ଏହା ହିଁ ସାହିତ୍ୟ ସୃଷ୍ଟିର ସର୍ବଜାନାର ପରମ୍ପରା ପୁଣି, ବାସ୍ତବତାକୁ ସବୁ ଲକ୍ଷନାର ଜନ୍ମ । ଲକ୍ଷନାର କାମ ହେଲା, ଏକ ନୂତନ ବାସ୍ତବତା ତିଆରି କରିବା, ଯାହା ସାଧାରଣ ବାସ୍ତବତାରେ ଉନ୍ନତି ଆଣିବ । ଲକ୍ଷନା ନଥିଲେ ଜଣେ କବି ଅନ୍ୟାନ୍ୟ ଜୀବନକୁ ସ୍ପର୍ଶ କରିପାରିବନାହିଁ । ନିଜର ବ୍ୟକ୍ତିଗତ ପୃଥିବୀରେ ବନ୍ଦୀ ହୋଇରହିଯିବ । ୨୦୧୪ ମେଟ୍‌ପୁଆରୀ ଆଜିର ଦିନରେ ଜଟକଟ୍ଟିର ମର୍ଜଡନଗର ବାସଭବନରେ ଏହି ପ୍ରସିଦ୍ଧ କବିଙ୍କର ପରଲୋକ ହୋଇଥିଲା ।

୪ଜି, ପ୍ରତାପ ଆପାର୍ଟମେଂଟ, ୭-ଏକ୍ସଟେନ୍‌ସନ ଲୋନ୍, ପୁରୁଣା ବୋଜାରା, ଜାମସେତପୁର, ପୂରାଭାଷ : ୯୨୦୪୬୫୧୦୬୫

ଶିକ୍ଷା ବ୍ୟବସ୍ଥାରେ ବିଶ୍ୱାସହାନୀ ଓ ବ୍ରେନ୍‌ଡ୍ରେନ

॥ ମନସିଜ୍ ଦାସ ॥

ରାଜରର ବିଜ୍ଞାନ ଅଭିବୃଦ୍ଧି ତିଶେଷକରି ଶିକ୍ଷା ଓ ଯୁବ ବର୍ତକୁ ନେଇ ଗର୍ବ କରୁଥିବାବେଳେ ସମସ୍ତେ ସୁବଦିହି ଯେ ଆମ ଦେଶର ସବୁଠାରୁ ମୂଲ୍ୟବାନ ସମ୍ପଦ ଭାବେ ଜାଣନ୍ତି । ସେମାନଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ଦେଶର ଅଗ୍ରଗତି ପାଇଁ ଜର୍ଯାୟାର ସତ୍ୱର ଜିନ୍ତୁ ଏ ସବୁ ଜିନରେ ଏକ ଗୁରୁତର ପ୍ରଶ୍ନ ଉଙ୍କି ମାରୁଛି - ଆମର ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥା ଅଜାଣତରେ ଆମ ଦେଶର ଶ୍ରେଷ୍ଠ ପ୍ରତିଭାବାନ ମାନଙ୍କୁ ଦେଶ ଛାଡ଼ିବା ପାଇଁ ପ୍ରକାରାନ୍ତରେ ପ୍ରେରିତ କରୁନାହିଁ ତ ? ଗତ ନିତ୍ ପ୍ରଶ୍ନପତ୍ର ଲିକ୍ ବିବ୍ରାଟ, ଦିହାରରେ ପରୀକ୍ଷା ବିବ୍ରାଟ, ମେଧାକ୍ରମ୍ନ ତାତ୍ତ ପ୍ରତିଯୋଗିତା ମୂଳକ ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା ଠାରୁ ମୂଲ୍ୟାୟନରେ ତ୍ରୁଟି ଓ ଅସଂଗତି ଏସବୁ ଜିନରେ ପନ୍ଥାପଙ୍କକୁ ନେଇ ବିବାଦ ଓ ନିସୁକ୍ତି ପରୀକ୍ଷାରେ ତାରମ୍ବାର ବିଳମ୍ବ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମନରେ ଯେତିକି ଅସନ୍ତୋଷ ସେତିକି ଷ୍ଟୋଭ ଏବଂ ନିରାଶା ମଧ୍ୟ । ସିବିଏସଇ, ନିତ୍, ଏସଏସସି-ଚିଡ଼ି ଭଳି ପରୀକ୍ଷାରେ ଯେଉଁଭଳି ବିବ୍ରାଟ ଏହା ପଛରେ କେବଳ ପ୍ରଶାସନିକ ତ୍ରୁଟି ରହିନି ବରଂ ସେମାନଙ୍କ ମନୋଜଗତକୁ ଭାଙ୍ଗିବା ପାଇଁ ଏକ ଅସଥାଟି ଚାସ ସଦୃଶ । ଏହା ଭବିଷ୍ୟତ ପିଢ଼ିର ବିଶ୍ୱାସ ଉପରେ ସିଧାସଳଖ ଆଘାତ ।

ଧରନ୍ତୁ ମୁଁ ଜଣେ ସିବିଏସଇ ଦ୍ୱାରା ଚୟନ ଶ୍ରେଣୀର ଛାତ୍ର । କଠୋର ଅଧ୍ୟବସାୟ, ଦିନରାତିର ପରିଶ୍ରମ ସତ୍ୱେ ଯଦି ପନ୍ଥାପଙ୍କରେ ଅସ୍ୱଷ୍ଟତା, ମାଡ଼ିଂରେ ଅସଙ୍ଗତି, ବିବ୍ରାଟ ବା ବିବାଦ ତେବେ ଏ ସବୁ ସ୍ୱାଭାବିକ ଭାବରେ ମୋ ଭିତରେ କ୍ଷୋଭ ସୃଷ୍ଟି କରିବ । ମୋତେ ଏହା ଭାବିବା ପାଇଁ ବାଧ୍ୟ କରିବ, ଯେଉଁଠି ମୋ ଦିନ ରାତିର ପରିଶ୍ରମର ନ୍ୟାୟ ସଂଗତ ମୂଲ୍ୟ ମିଳୁନି ସେଠାରେ ଭବିଷ୍ୟତ ଗଢ଼ିବା କେତେ ସୁରକ୍ଷିତ ? ଏପରି ସମୟରେ ଅନେକ ମେଧାବୀ ନିଜର ଅନିଶ୍ଚିତ ଭବିଷ୍ୟତ ଆଶଙ୍କା କରି ବିଦେଶରେ ଭଲଶିକ୍ଷାସହ ସେଇଠି ହିଁ ଜ୍ୟାପିୟର ଗଢ଼ିବାକୁ ନିରାପଦ, ନିର୍ଦ୍ଦରଯୋଗ୍ୟ ବାତାବରଣ ମନେ କରିବେ । ଅନ୍ୟପଟେ ଜାପାନ, ଜର୍ମାନ ସମେତ ଅନେକ ବିକଶିତ ଦେଶ ଆଜି ଜନସଂଖ୍ୟା ହ୍ରାସ ଓ ଦକ୍ଷ ଜନଶକ୍ତିର ଅଭାବର ସମ୍ମୁଖୀନ । ସେମାନଙ୍କର ଅର୍ଥନୀତିକୁ ଆଗକୁ ନେବା ପାଇଁ କୁଶଳୀ, ଦକ୍ଷ ପେଶାଦାର, ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଯୁକ୍ତିବିତ୍‌ଙ୍କ ଆବଶ୍ୟକତା ଦିନକୁ ଦିନ ବଢୁଛି । ବିଦେଶୀ ପ୍ରତିଭାମାନଙ୍କୁ ଆକର୍ଷିତ କରିବାରେ ସେ ଦେଶ ସୁବିଧା ଅନେକ କ୍ଷେତ୍ରରେ ମଧ୍ୟ ପ୍ରସ୍ତୁତ କରୁଛନ୍ତି । ଏପରି ସମୟରେ ରାଜରର ଶିକ୍ଷା ବ୍ୟବସ୍ଥାର ତ୍ରୁଟି ଓ ଦୁର୍ବଳତା ଅନ୍ୟ ଦେଶ ମାନଙ୍କ ପାଇଁ ସୁଯୋଗରେ ପରିଣତ ହେଉଛି ।

ସମସ୍ୟାଟି କେବଳ ଛାତ୍ରଛାତ୍ରୀଙ୍କ ଭିତରରେ ସୀମିତ ରହିନି । ଏହାର ପ୍ରଭାବ ଅଭିଭାବକଙ୍କ ଉପରେ ଗୁରୁତର ରାବେ ଯେତିକି ଚିନ୍ତିତ କରୁଛି ସେତିକି ତିରକ୍ତ । ପିଲାମାନଙ୍କ ଭବିଷ୍ୟତକୁ ନେଇ ବିଳକ୍ଷ ରାସ୍ତା ଖୋଜିବା ପାଇଁ ଅଭିଭାବକମାନେ ନିଜ ଅନୁଭବକୁ ଦେଖି ଆରମ୍ଭରୁ ହିଁ ନିଜ ସନ୍ତାନଙ୍କ ପାଇଁ ବିଦେଶୀ ଶିକ୍ଷା କିମ୍ବା ଅନ୍ୟ ବିକଳ୍ପ ବ୍ୟବସ୍ଥାର ଯୋଜନା କରିପାରନ୍ତି । ଆମେ ଆଲୋଚନା କରୁଥିବା 'ବ୍ରେନ୍‌ଡ୍ରେନ୍' ବା ମେଧା ପଳାୟନକୁ ସାଧାରଣତଃ ଆର୍ଥିକ ସମସ୍ୟା ଭାବରେ ଦେଖୁଥାଉ । କିନ୍ତୁ ଏହା ପଛରେ ସ୍ୱାଭାବିକ ଭାବରେ ରହିଛି ଅନେକ ପ୍ରଶ୍ନ । ଯେଉଁଠି ପ୍ରତିଭାର ପରିଶ୍ରମର ଆଦର ନାହିଁ ପରୀକ୍ଷାରେ ସ୍ୱଚ୍ଛତା ରହୁନି ସେଠି ବିଶ୍ୱାସ ଓ ଭରସା ରାଖି ଯିବା ସହ ଅନ୍ୟ ସୁଯୋଗ ହିଁ ପ୍ରାଥମିକତା । ତେଣୁ ଏହିପରି ଏକ ସମୟରେ ପ୍ରତିଭାବାନମାନେ ନିଜ ଗନ୍ତବ୍ୟ ଖୋଜି ନିଅନ୍ତି । ରାଜର ପାଇଁ ଏହା ଏକ ଗମ୍ଭୀର ସତର୍କ ବାଣୀ କହିଲେ ଅତ୍ୟୁକ୍ତି ହେବନାହିଁ । ଆମର ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଉତରଦାୟୀ ଓ ବିଶ୍ୱସନୀୟ କରିବା ଆବଶ୍ୟକ । ଅନେକ ସମୟରେ ପ୍ରଶ୍ନପତ୍ର ଲିକ୍, ପ୍ରତ୍ୟେକ ଅସଙ୍ଗତ ମୂଲ୍ୟାୟନ ଓ ମେଧାର ଅନିଶ୍ଚିତତା ହିଁ ସୁବତିଙ୍କର ବିଶ୍ୱାସକୁ ଭାଙ୍ଗି ଦେଉଛି । ଦେଶ କେବଳ ପ୍ରତିଭା ସୃଷ୍ଟିକରେ ତାହିଁ ବରଂ ସେହି ପ୍ରତିଭାକୁ ଦେଶ ଭିତରେ ରଖି ସେମାନଙ୍କ ସ୍ୱପ୍ନକୁ ସାକାର କରିବା ସହ ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଯୁବପିଢ଼ିଙ୍କ ମେଧାଶକ୍ତିର ମଧ୍ୟ ଯଥାର୍ଥ ମୂଲ୍ୟାୟନ ହୋଇପାରିବ । ତେଣୁ ଏହିପରି ଏକ ସମୟରେ ଯଦି ଆମେ ଆମର ଯୁବପିଢ଼ିର ବିଶ୍ୱାସକୁ ସୁରକ୍ଷିତ ରଖିପାରିବା ତେବେ ବ୍ରେନ୍ ଡ୍ରେନ୍‌ର ଆମ ସମ୍ଭାବନା ଦେଖାଯିବ ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ,
ଗୁରୁଗ୍ରାମ, ହରିୟାନା

ଦାରୁରୂପୀ ଦାରୁବ୍ରହ୍ମ : ଶ୍ରୀ ଜଗନ୍ନାଥ

॥ ସତ୍ୟ ମହାପାତ୍ର ॥

ଉଳଳଭୂମିରେ ଶ୍ରୀଜଗନ୍ନାଥ ହେଉଛନ୍ତି ଉଳଳମ୍ବ ପ୍ରଣର ଅଗାଧ ଦେବତା । ଉଳଳର ସମାଜ, ସଂସ୍କୃତି ତଥା ଆଧ୍ୟତ୍ମ ଜୀବନର ସେ ହେଉଛନ୍ତି ପ୍ରଣଦିତ୍ୱ । ଉଳଳର ଯାତ୍ରା, ଉତ୍ସବ, ପର୍ବପର୍ବାଣୀ, ଧର୍ମ, ସଂସ୍କୃତି, ଆଚାର, ବ୍ୟବହାର, ରୀତି, ରାତିନୀତି ଓ ଦର୍ଶନ ସବୁଥିରେ ହେଉଛି ଜଗନ୍ନାଥଙ୍କର । ଏଉଟୁରେ ପ୍ରଥମେ ଜଗନ୍ନାଥଙ୍କର ଆବାହନ ଓ ସ୍ମରଣ । ଏପରିକି ବିବାହ ଉତର ଉଦ୍‌ଘାଟନରେ ତାଙ୍କୁ ପ୍ରଥମେ ନିମନ୍ତ୍ରଣ ଦିଆଯାଏ । ଶ୍ରୀଜଗନ୍ନାଥ ଆମ ଉଳଳୀୟମାନଙ୍କ ଚିନ୍ତା ଓ ଚେତନାର ଦର୍ଶନର ହେତୁବିନ୍ଦୁ । ସେ ସବୁବେଳେ ଉତ୍ତ୍ରାମାନଙ୍କର ନିଜର ଲୋକ ଥାନ୍ତି । ପ୍ରଭୁଙ୍କର ସବୁଠାରୁ ପ୍ରିୟ ହେଉଛନ୍ତି ଗାଇ ଉତ୍ତ୍ର ।

ଶ୍ରୀଜଗନ୍ନାଥ ସମସ୍ତ ଧର୍ମ ଧାରା ଓ ସଂପ୍ରଦାୟ ମଧ୍ୟରେ ଏକ ବିରାଟ ସମନ୍ୱୟ ରୂପେ ପ୍ରତିଷ୍ଠିତ । ଶ୍ରୀଜଗନ୍ନାଥଙ୍କ ଉପରେ ଶକ୍ତି, ଶୈବ, ବୈଷ୍ଣବ, ବୌଦ୍ଧ, ଜୈନ, ଶିଖ, ଦେଶ ସବୁ ଧର୍ମ ପୋଷା ଓ ଧାରା ଅରୋପିତ । ତଥାପି ସେ ବହୁ ମଧ୍ୟରେ 'ଏକ' ଓ ଏକ ମଧ୍ୟରେ 'ବହୁ' । ଶ୍ରୀଜଗନ୍ନାଥ ସବୁ ଧର୍ମ ଧାରାର ଉର୍ଦ୍ଧ ସମ୍ପୂର୍ଣ୍ଣ ଏକ ଧର୍ମ ପୋଷା ବା ଧାରା ଅରୋପିତ । ତଥାପି ସେ ବହୁ ମଧ୍ୟରେ 'ଏକ' ଓ ଏକ ମଧ୍ୟରେ 'ବହୁ' । ଶ୍ରୀଜଗନ୍ନାଥ ସବୁ ଧର୍ମ ଧାରାର ଉର୍ଦ୍ଧ ସମ୍ପୂର୍ଣ୍ଣ ଏକ ଧର୍ମ ପୋଷା ବା ଧାରା ଅରୋପିତ । ତଥାପି ସେ ବହୁ ମଧ୍ୟରେ 'ଏକ' ଓ ଏକ ମଧ୍ୟରେ 'ବହୁ' । ଶ୍ରୀଜଗନ୍ନାଥ ସବୁ ଧର୍ମ ଧାରାର ଉର୍ଦ୍ଧ୍ୱେ

ଶବ୍ଦ
ପୃଷ୍ଠା ସଂପାଦନା: କୃଷ୍ଣ କୁମାର ମହାନ୍ତି
ସାପ୍ତାହିକ ସାହିତ୍ୟ ପତ୍ର
ବାଲେଶ୍ୱର, ରବିବାର, ୨୨ ନଭେମ୍ବର ୨୦୨୬
ସେଇଠୁ ଆରମ୍ଭ

ଅନ୍ତଗଳ୍ପ

ଗରିବ ଲୋକଙ୍କ ନର୍କ

ମୃଣାଳ

